୬ ଶେଫାଳି ବର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ
ବାଂଲାଦେଶକୁ ୫ ୱିକେଟରେ ହରାଇଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା
The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୪୬ ● ୨୬ ଜୁନ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-146 ● 26th June 2026, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ପ୍ରକୃତିର ଭୟାନକ ତାଣ୍ଡବ

# ଧ୍ୱଂସସ୍ତୂପରେ ପରିଣତ ହେଲା ରାଜଧାନୀ କାରାକାସ୍ : ୧୭୦ରୁ ଉର୍ଦ୍ଧ୍ୱ ମୃତ

**କାରାକାସ୍, ୨୫।୬**

ଲାଟିନ୍ ଆମେରିକୀୟ ଦେଶ ଭେନେଜୁଏଲାରେ ଗୁରୁବାର ପ୍ରକୃତିର ଭୟାନକ ତାଣ୍ଡବ ଦେଖିବାକୁ ମିଳିଛି। ଭାରତୀୟ ସମୟ ଶୁକ୍ରବାର ଭୋର ୩:୩୦ରେ ମାତ୍ର ୩୯ ସେକେଣ୍ଡ ବ୍ୟବଧାନରେ ଦୁଇଟି ଶକ୍ତିଶାଳୀ ଭୂକମ୍ପ ସମଗ୍ର ଦେଶକୁ ଥରାଇ ଦେଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ଯଥାକ୍ରମେ ୭.୨ ଏବଂ ୭.୫ ରେକର୍ଡ କରାଯାଇଛି। ଏହି ପ୍ରଳୟଙ୍କରୀ ଭୂକମ୍ପ ଯୋଗୁଁ ରାଜଧାନୀ କାରାକାସ୍ ସମେତ ଅନେକ ସହର ଧ୍ୱଂସସ୍ତୁପରେ ପରିଣତ ହୋଇଛି ଏବଂ କାରିବିଆନ୍ ଅଞ୍ଚଳରେ ସୁନାମୀ ସତର୍କ ସୂଚନା ଜାରି କରାଯାଇଛି। ଏହି ବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ୧୭୦ରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦୦୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି। ତେବେ ଶହ ଶହ ବିଶାଳ କୋଠା ମାଟିରେ ମିଶିଯାଇଥିବାରୁ ଏହି ଧ୍ୱଂସର ବ୍ୟାପକତାକୁ ଦେଖି ଆମେରିକାର ଭୂକମ୍ପ ଗବେଷଣା ସଂସ୍ଥା ଆଶଙ୍କା ପ୍ରକାଶ କରିଛି ଯେ ମୃତ୍ୟୁସଂଖ୍ୟା ୧୦ ହଜାରରୁ ଅଧିକ ହୋଇପାରେ।



ଭୂକମ୍ପ ପରେ ପ୍ରାୟ ୨୦ ଥର ପରବର୍ତ୍ତୀ କମ୍ପନ ଅନୁଭୂତ ହୋଇଛି, ଯାହାର ତୀବ୍ରତା ୪.୯ ରୁ ୬.୪ ମଧ୍ୟରେ ରହିଥିଲା। ଏହା ପରେ ସାରା ସହର ଧୂଳିର ବହଳ ଆସ୍ତରଣରେ ଆଚ୍ଛାଦିତ ହୋଇଯାଇଛି ଏବଂ ପରିବେଶ ଅତି ଭୟାବହ ରହିଛି। ସହରର ସବୁଠାରୁ ସମୃଦ୍ଧ ଅଞ୍ଚଳ 'ଆଲଟାମିରା'ର ୫୦ରୁ ଅଧିକ ଆବାସିକ ଭବନ ଭୁଶୁଡ଼ି ପଡ଼ିଛି। ଧ୍ୱଂସସ୍ତୂପ ଭିତରୁ ଲୋକଙ୍କୁ ଉଦ୍ଧାର କରିବା ପାଇଁ ଅହରହ ପ୍ରୟାସ ଜାରି ରହିଛି। ଆମେରିକା ସମେତ ବିଭିନ୍ନ ରାଷ୍ଟ୍ରରୁ ଆସିଥିବା ଉଦ୍ଧାରକାରୀ ଦଳ, ସ୍ୱେଚ୍ଛାସେବୀ ଓ ଜନସାଧାରଣ ଲୋକଙ୍କୁ ଉଦ୍ଧାର କରିବାରେ ପ୍ରଶାସନକୁ ସାହାଯ୍ୟ କରୁଛନ୍ତି।

ରାସ୍ତାଘାଟ, ହାଇୱେ ଏବଂ ଅଟ୍ଟାଳିକାଗୁଡ଼ିକରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିବା ରାଜଧାନୀର ସମସ୍ତ ଅଞ୍ଚଳ ପାଇଁ ଗମ୍ଭୀର ବିପଦ ରହିଛି। ଉପକୂଳବର୍ତ୍ତୀ ରାଜ୍ୟ 'ଲା ଗୁଆଇରା' ମଧ୍ୟ ଏହି ଭୂକମ୍ପରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ସେଠାରେ ଥିବା 'ସାଇମନ ବୋଲିଭାର ଅନ୍ତର୍ଜାତୀୟ *(ପୃଷ୍ଠା ୭ରେ)*

# ବିଜେଡ଼ିରେ ସାମିଲ ହେଲେ ପୂର୍ବତନ ଆଇଏଏସ୍ ସୁଜାତା କାର୍ତ୍ତିକେୟନ : ସ୍ୱାଗତ ଜଣାଇଲେ ସୁପ୍ରିମୋ

**ଭୁବନେଶ୍ୱର, ୨୫।୬**
**ନ୍ୟୁଜ୍ ବ୍ୟୁରୋ**

ପୂର୍ବତନ ଆଇଏଏସ ଅଧିକାରୀ ସୁଜାତା ରାଉତ କାର୍ତ୍ତିକେୟନ ଗୁରୁବାର ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି । ବିଜେଡି କାର୍ଯ୍ୟାଳୟ ଶଙ୍ଖ ଭବନଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସୁଜାତା ବିଜେଡିରେ ସାମିଲ ହୋଇଛନ୍ତି ।

ପୂର୍ବ ଘୋଷଣା ଓ କାର୍ଯ୍ୟସୂଚୀ ଅନୁସାରେ ସୁଜାତା ଗୁରୁବାର ପୂର୍ବାହ୍ନରେ ଶଙ୍ଖ ଭବନରେ ପହଞ୍ଚିବା ପରେ ସୁଜାତା ପ୍ରଥମେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପାଦ ସ୍ପର୍ଶ କରି ପ୍ରଣିପାତ ଜଣାଇଥିଲେ। ଏହି ଦୃଶ୍ୟ ଦଳୀୟ କର୍ମୀ ଏବଂ ନେତାମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି କରିଥିଲା । ସେଠାରେ ସୁଜାତାଙ୍କୁ ବିଜେଡ଼ି ସଭାପତି ଦଳର ସବୁଜ ରଙ୍ଗର ଉତ୍ତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଜେଡି ସାଂସଦ ସୁଲତା ଦେଓ, ବିଜେଡ଼ି ମୁଖ୍ୟ ସଚେତକ ତଥା ବିଧାୟିକା ପ୍ରମିଳା ମଲ୍ଲିକ, ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସମେତ ଦଳର ମହିଳା ନେତ୍ରୀମାନେ ସୁଜାତାଙ୍କୁ ସ୍ୱାଗତ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ଚନ୍ଦ୍ରଶେଖର ସାହୁ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ବିଧାୟକ ଧ୍ରୁବ ସାହୁ , ପଦ୍ମନାଭ ବେହେରା, ପ୍ରଫୁଲ୍ଲ ସାମଲ, ପ୍ରୀତିରଞ୍ଜନ ଘଡେଇ, ସମ୍ବିତ ରାଉତରାୟ, ମନ୍ମଥ ରାଉତରାୟ ପ୍ରମୁଖ ଅନେକ ନେତା ଯୋଗ ଦେଇଥିଲେ । ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ ସୁଜାତାଙ୍କ ଯୋଗଦାନ ବିଜେଡିକୁ ଶକ୍ତିଶାଳୀ କରିବ ବୋଲି ଦଳୀୟ ନେତାମାନେ ଦାବି କରିଛନ୍ତି । ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ସୁଜାତା ରାଉତଙ୍କୁ ବିଧିବଦ୍ଧ ଭାବେ ବିଜେଡିକୁ ସ୍ୱାଗତ କରିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି, "ମୁଁ ସୁଜାତା ରାଉତଙ୍କୁ ବିଧିବଦ୍ଧ ଭାବରେ ବିଜେଡିକୁ ସ୍ୱାଗତ କରୁଛି । ସେ ଦଳର ଜଣେ ସାଧାରଣ କର୍ମୀ ଭାବେ କାର୍ଯ୍ୟ କରିବେ ।' ପ୍ରାଶାସନିକ ଅଧିକାରୀ ଭାବେ ସୁଜାତା ରାଉତଙ୍କର ଓଡ଼ିଶା ପ୍ରତି ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ସେ କହିଛନ୍ତି ଯେ, 'ବିଶେଷ କରି ମହିଳା ସଶକ୍ତିକରଣ ଓ ବିକାଶ କ୍ଷେତ୍ରରେ ସୁଜାତା ଗୁରୁତ୍ୱପୂର୍ଣ୍ଣ କାମ କରିଛନ୍ତି ।' ବିଜେଡିରେ ସୁଜାତାଙ୍କ ଏଣ୍ଟ୍ରି ପରେ ନବୀନ ନିଜର *(ପୃଷ୍ଠା ୭ରେ)*

**ସ୍ପଷ୍ଟ କଲେ ନବୀନ, ଆଗାମୀ ନିର୍ବାଚନ ମୋ ନେତୃତ୍ୱରେ ଲଢାଯିବ**



## ୨୦୨୩-୨୪ ବର୍ଷ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା
# 'ପୁଷ୍କରା' ଓ 'ମାଇଁ ସୁଇଟ୍ ହାଉସ୍ ୱାଇଫ୍' ଏବଂ 'ଆଶ୍ରମ' ଶ୍ରେଷ୍ଠ ଚଳଚ୍ଚିତ୍ର




**ଭୁବନେଶ୍ୱର, ୨୫।୬ : ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଗୁରୁବାର ୨୦୨୩ ଏବଂ ୨୦୨୪ ବର୍ଷ ପାଇଁ ଯଥାକ୍ରମେ ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରିଛନ୍ତି।

ମନ୍ତ୍ରୀ କହିଛନ୍ତି ଆସନ୍ତା ୨୬ ତାରିଖରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହେବ। ଚଳଚ୍ଚିତ୍ର ଜଗତରେ ଜୀବନବ୍ୟାପୀ ସାଧନା ପାଇଁ ସର୍ବୋଚ୍ଚ ପୁରସ୍କାର 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର' ସମେତ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଥିବା ପ୍ରତିଭାମାନଙ୍କୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ।

୨୦୨୩ ପାଇଁ ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟ ଏବଂ ୨୦୨୪ ପାଇଁ ନମ୍ରତା ଦାସଙ୍କୁ 'ମୋହନ ସୁନ୍ଦରଦେବ ଗୋସ୍ୱାମୀ ପୁରସ୍କାର' ପ୍ରଦାନ କରାଯିବ। ୨୦୨୩ ପାଇଁ ମିଳିତ ଭାବେ 'ପୁଷ୍କରା' ଓ 'ମାଇଁ ସୁଇଟ୍ ହାଉସ୍ ୱାଇଫ୍' ଏବଂ ୨୦୨୪ ପାଇଁ 'ଆଶ୍ରମ'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ। ୨୦୨୩ ପାଇଁ ହରିହର ମହାପାତ୍ର ଏବଂ ୨୦୨୪ ପାଇଁ ବାବୁସାନ *(ପୃଷ୍ଠା ୭ରେ)*

# ସ୍କୁଲ ପିଲାଙ୍କୁ ମିଳିବ ନୂଆ ବ୍ୟାଗ୍

**ଭୁବନେଶ୍ୱର, ୨୫।୬ : ନ୍ୟୁଜ୍ ବ୍ୟୁରୋ**

ସରକାରୀ ବିଦ୍ୟାଳୟରେ ପଢୁଥିବା ଛୋଟ ଛୋଟ ଛାତ୍ରଛାତ୍ରୀଙ୍କ ପାଇଁ ଆସିଛି ଖୁସି ଖବର। ଶିଶୁ ବାଟିକାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲାମାନଙ୍କୁ ମାଗଣାରେ ନୂଆ ସ୍କୁଲ୍ ବ୍ୟାଗ୍ ପ୍ରଦାନ କରାଯିବ। ଏନେଇ ଓଡ଼ିଶା ସ୍କୁଲ୍ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ପ୍ରକଳ୍ପ ସଂଯୋଜକ ମାନଙ୍କୁ ଚିଠି ଲେଖାଯାଇଛି। ନୂଆ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ଶିକ୍ଷା ସାମଗ୍ରୀ ସହାୟତା ଯୋଗାଇବା *(ପୃଷ୍ଠା ୭ରେ)*

# ଓଡ଼ିଶାରେ ଜନଗଣନାର ପ୍ରଥମ ପର୍ଯ୍ୟାୟ ଶେଷ

**ଭୁବନେଶ୍ୱର, ୨୫।୬**
**ନ୍ୟୁଜ୍ ବ୍ୟୁରୋ**


ରାଜ୍ୟରେ ଚାଲିଥିବା ଜନଗଣନା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଗୁରୁବାର ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମୀକ୍ଷା କରିଛନ୍ତି । ବୈଠକରେ ଜନଗଣନା ଅଭିଯାନର ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ ଜନଗଣନାର ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ଗୃହ ତାଲିକାକରଣ କାର୍ଯ୍ୟ ଏବଂ ଆବାସ ଗଣନା ସଫଳତାର ସହ ସମ୍ପନ୍ନ ହୋଇଥିବା ସମ୍ପର୍କରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପାଢ଼ୀଙ୍କୁ ଅବଗତ କରାଇଥିଲେ। ଏହି ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ବିଭିନ୍ନସ୍ତରରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ ସମନ୍ୱିତ ପ୍ରୟାସ ଫଳରେ ଜନଗଣନା କାର୍ଯ୍ୟ ସୁଚାରୁରୂପେ ସମାପ୍ତ ହୋଇଥିବା ନେଇ ଆଲୋଚନା ହୋଇଥିଲା ।

ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ ଜନଗଣନା କର୍ମକର୍ତ୍ତା, ଜିଲ୍ଲାପାଳ, ପୌର କମିଶନର, ଜନଗଣନାକାରୀ ଏବଂ ସୁପରଭାଇଜର ମାନଙ୍କ ନିଷ୍ଠାପୂର୍ଣ୍ଣ ଏବଂ ସମର୍ପିତ ଦାୟିତ୍ୱ ସମ୍ପାଦନ ପାଇଁ ପ୍ରଶଂସା କରିଥିଲେ। ରାଜସ୍ୱ ସଚିବ କହିଥିଲେ ଯେ, ଜନଗଣନା ଭଳି ଏକ ବୃହତ ଜାତୀୟ କାର୍ଯ୍ୟକ୍ରମର ସଫଳ ରୂପାୟନରେ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



କେତେଟା ଫେରାର କିଛି ଧରା ହେଲେ
ଠକଙ୍କ ଥରଇ ଛାତି
ବତୀଖୁଣ୍ଟି ଟଙ୍କା ସବୁଖାଇ ଥିଲେ
ନ କରିଣ ପୋତାପୋତି
କୋଟି କୋଟି ଟଙ୍କା କ୍ଷତି
ହେଉଅଛ ସବୁ ବିରୋଧୀ ନେତାଏ
କେବେ ଯା ନଥିଲେ ଚିନ୍ତି !!




# ପୂର୍ବତନ ଆଇଏଏସ୍ ତଥା 'ସମ୍ବାଦ କଳିକା'ର ନିୟମିତ ସ୍ତମ୍ଭ ଲେଖକ ଦୁର୍ଗାଚରଣ ସାହୁଙ୍କ ପରଲୋକ



**ଭୁବନେଶ୍ୱର, ୨୫।୬ : ନ୍ୟୁଜ୍ ବ୍ୟୁରୋ**

'ସମ୍ବାଦ କଳିକା'ର ନିୟମିତ ସ୍ତମ୍ଭ ଲେଖକ ତଥା ପୂର୍ବତନ ଆଇଏଏସ ଦୁର୍ଗା ଚରଣ ସାହୁଙ୍କ ବୁଧବାର ସନ୍ଧ୍ୟା ୬.୪୫ ମିନିଟରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ଗୁଜୁରାଟ କ୍ୟାଡରର ଆଇଏଏସ ଥିଲେ। ଦୀର୍ଘ ୫ ମାସ ତଳେ ମସ୍ତିଷ୍କ ଆଘାତରେ ପୀଡିତ ହୋଇ ସେ ସମ ଅଲଟିମେଟରେ ଚିକିତ୍ସିତ ହେଉଥିଲେ। ପାଖରେ ତାଙ୍କର ବଡଝିଅ ରହି ବୁଝାବୁଝି କରୁଥିଲେ। ମାତ୍ର ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିବର୍ତ୍ତେ ଅବନତି ଦେଖାଯାଇଥିଲା। ୫ ମାସ ତଳେ ଦିନେ ରାତିରେ ନିଜ ଲେଖାର ପ୍ରୁଫ୍ ଦେଖୁଥିବା ସମୟରେ ସେ ମସ୍ତିଷ୍କ ଆଘାତର ଶିକାର ହୋଇଥିଲେ। ପରିବାର ତରଫରୁ ତାଙ୍କୁ ତୁରନ୍ତ ସମ ଅଲଟିମେଟକୁ ନିଆଯାଇଥିଲା। ତେବେ ଚିକିତ୍ସା ପୂର୍ବରୁ ତାଙ୍କର ଏକ ମାସିଭ ହାର୍ଟ ଆଟାକ ହୋଇଥିଲା ଯେଉଁଥିପାଇଁ ତାଙ୍କୁ ଦୀର୍ଘଦିନ ଆଇସିୟୁରେ ରଖିବାକୁ ପଡିଥିଲା।

ଶୁକ୍ରବାର ଦିନ ତାଙ୍କ ସାନଝିଅ ଆମେରିକାରୁ ଆସି ପହଞ୍ଚିଲେ ସ୍ୱର୍ଗଦ୍ୱାରରେ ଦାହସଂସ୍କାର କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ। ମୃତ୍ୟୁ ସମୟରେ ତାଙ୍କ ନିକଟରେ ବଡଝିଅ, ଜୋଇଁ, ନାତୁଣୀ, ଭଣଜା, ଭାଣିଜୀ, ଝିଆରୀ, ପୁତୁରାଙ୍କ ସମେତ ତାଙ୍କ ବନ୍ଧୁବାନ୍ଧବ ତଥା ସାହି ପଡିଶା ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଓଡିଆ ସାହିତ୍ୟ ତଥା 'ସମ୍ବାଦ କଳିକା' ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ପତ୍ନୀ ୨୦୦୯ ମସିହାରୁ ପରଲୋକ ଗମନ କରିଥିଲେ। ମାତ୍ର ଶ୍ରୀ ସାହୁ ନିଜ ଏକାକୀତ୍ୱକୁ ବୋଝ ନ ଭାବି ସାହିତ୍ୟ ରଚନା କ୍ଷେତ୍ରରେ ଏପରି ତଲ୍ଲୀନ ହୋଇଯାଇଥିଲେ ଦିନରାତି ତାଙ୍କୁ ଜଣାପଡୁନଥିଲା। *(ପୃଷ୍ଠା ୭ରେ)*




ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଟ୍ରମ୍ପଙ୍କୁ ବଡ଼ ଝଟକା : ସଂସଦରେ ଯୁଦ୍ଧ ରୋକିବାକୁ ପ୍ରସ୍ତାବ ପାରିତ

ଆମେରିକାର ସିନେଟ୍ ଡୋନାଲ୍ଡ ଟ୍ରମ୍ପଙ୍କ ଇରାନ ନୀତିକୁ ବିରୋଧ କରି ଏକ ଅଣ-ବାଧ୍ୟତାମୂଳକ ପ୍ରସ୍ତାବ ପାରିତ କରିଛି । ଏହା ସିଧାସଳଖ ଆମେରିକାର ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ଆମେରିକାରେ ବଢୁଥିବା ଜନମତକୁ ପ୍ରତିଫଳିତ କରିଛି । ଯଦିଓ ଏହି ପ୍ରସ୍ତାବ ବାଧ୍ୟତାମୂଳକ ନୁହେଁ, ଏହା ଆମେରିକାର ରାଷ୍ଟ୍ରପତିଙ୍କ ପାଇଁ ଏକ ନୈତିକ ପରାଜୟ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇରାନର ନୀତିକୁ ନେଇ ଆମେରିକାରେ ପୁଣି ବିବାଦ ଦେଖାଦେଇଛି । ଆମେରିକା ସିନେଟ୍ ଟ୍ରମ୍ପ ପ୍ରଶାସନକୁ ଇରାନ ବିରୋଧରେ ସୈନ୍ୟ ଅଭିଯାନକୁ ସମାପ୍ତ କରିବାକୁ ଦାବି କରି ପ୍ରସ୍ତାବ ପାରିତ କରିଛି । ଏହା ଟ୍ରମ୍ପଙ୍କୁ ଏକ ବଡ଼ ରାଜନୈତିକ ଝଟକା ଦେଇ ଦେଶର ସଂସଦ ଇରାନ ବିରୋଧରେ ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ପ୍ରସ୍ତାବ ପାରିତ କରିଛି । ପୂର୍ବରୁ ପ୍ରତିନିଧି ସଭାରେ ପାସ୍ ହୋଇଥିବା ଏହି ପ୍ରସ୍ତାବକୁ ଗତକାଲି ସିନେଟ୍ ମଧ୍ୟ ଅନୁମୋଦନ ପ୍ରଦାନ କରିଛି। ତେବେ ଟ୍ରମ୍ପ ସଂସଦର ଏହି ଆଦେଶକୁ ସମାଲୋଚନା କରିବା ସହିତ ଏହାକୁ ମାନିବା ଲାଗି ସେ ବାଧ୍ୟ ନୁହଁନ୍ତି ବୋଲି କହିଛନ୍ତି । ଗତକାଲି ସିନେଟରେ ହୋଇଥିବା ମତଦାନରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର କିଛି ସଦସ୍ୟ ମଧ୍ୟ ବିରୋଧୀଙ୍କ ସହ ହାତ ମିଳାଇଥିବା ଦେଖିବାକୁ ମିଳିଛି । ସିନେଟରେ ଏହି ଯୁଦ୍ଧ କ୍ଷମତା ସଂକ୍ରାନ୍ତୀୟ ପ୍ରସ୍ତାବ ୫୦-୪୮ ଭୋଟରେ ଗୃହୀତ ହୋଇଛି । ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ୪ ଜଣ ସଦସ୍ୟ ଦଳୀୟ ଆଭିମୁଖ୍ୟ ବିରୋଧରେ ଯାଇ ଡେମୋକ୍ରାଟିକ ପ୍ରସ୍ତାବ ସପକ୍ଷରେ ଚଳିତ ମାସ ଆରମ୍ଭରେ ନିମ୍ନ ସଦନ ପ୍ରତିନିଧି ସଭା ମଧ୍ୟ ୨୧୫-୨୦୦୮ ଭୋଟରେ ଏହି ପ୍ରସ୍ତାବକୁ ଅନୁମୋଦନ କରିଥିଲା । ଫଳରେ ଟ୍ରମ୍ପଙ୍କ ଉପରେ ଯୁଦ୍ଧ ଅଙ୍କୁଶ ଲଗାଇଦେଇଛି। ଯୁଦ୍ଧ ବନ୍ଦ କରିବା ଲାଗି ଇରାନ ସହିତ ଚୂଡାନ୍ତ ଚୁକ୍ତି ପାଇଁ କଥାବାର୍ତ୍ତା ଚାଲିଥିବା ବେଳେ ସଂସଦର ଏଭିଳି ପ୍ରସ୍ତାବ ଟ୍ରମ୍ପଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି । କଥାବାର୍ତ୍ତା ବେଳେ ଇରାନ ଟ୍ରମ୍ପ ପ୍ରଶାସନକୁ ବିଶେଷ ଗୁରୁତ୍ୱ ଦେଇନପାରେ ବୋଲି କୁହାଯାଇଛି । କାରଣ ଯୁଦ୍ଧ ପାଇଁ ଆମେରିକା ସଂସଦ ଟ୍ରମ୍ପଙ୍କ ହାତ ବାନ୍ଧି ଦେଇଥିବାରୁ ଏଥିରୁ ଇରାନ ଫାଇଦା ନେବାକୁ ଉଦ୍ୟମ କରିପାରେ । ସେଥିପାଇଁ ଟ୍ରମ୍ପ ଏହି ପ୍ରସ୍ତାବର ସମାଲୋଚନା କରି କହିଛନ୍ତି ଯେ, ଏଭଳି ସମୟରେ ଏହି ପ୍ରସ୍ତାବ ଆସିବାର ନଥିଲା । ୧୯୭୩ର ୱାର୍ ପାୱାର୍ସ ଆକ୍ଟ ଅନୁଯାୟୀ ଆମେରିକା ଇତିହାସରେ ଏହା ପ୍ରଥମ ଥର, ଯେଉଁଠାରେ ସଂସଦର ଉଭୟ ଗୃହ ଜଣେ ରାଷ୍ଟ୍ରପତିଙ୍କୁ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାରୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ଫେବୃୟାରୀ ୨୮ରୁ ଇରାନ ସହ ଆରମ୍ଭ ହୋଇଥିବା ଯୁଦ୍ଧରେ ଯବନିକା ପଡିଛି। ସ୍ୱିଜରଲାଣ୍ଡରେ ଐତିହାସିକ ଶାନ୍ତିଚୁକ୍ତି ହୋଇଛି । ଏବେ ଇରାନ ବିରୋଧରେ ଯୁଦ୍ଧ ସୀମିତ କରିବାକୁ ଆମେରିକା ସଂସଦର ନିର୍ଦ୍ଦେଶ ହୋଇଛି । ଏହି ପ୍ରସ୍ତାବ ୧୯୭୩ ମସିହାର ଯୁଦ୍ଧ କ୍ଷମତା ଆଇନ ଅଧୀନରେ ଗୃହୀତ ହୋଇଥିବାରୁ, ଏଥିରେ ରାଷ୍ଟ୍ରପତିଙ୍କ ଦସ୍ତଖତ ଆବଶ୍ୟକ ନାହିଁ ଏବଂ ଏହା ଆଇନରେ ପରିଣତ ହୁଏ ନାହିଁ । ତେଣୁ, ପ୍ରଶାସନ ଉପରେ ଏହାର କୌଣସି ସିଧାସଳଖ ଆଇନଗତ ପ୍ରଭାବ ପଡ଼ିବ ନାହିଁ । ହ୍ୱାଇଟ୍ ହାଉସ୍ ପୂର୍ବରୁ ଏହି ପ୍ରସ୍ତାବକୁ ଅସାମ୍ବିଧାନିକ ଘୋଷଣା କରିସାରିଛି, କହିଛି ଯେ ରାଷ୍ଟ୍ରପତିଙ୍କ ସାମ୍ବିଧାନିକ କ୍ଷମତାକୁ ଏହି ଉପାୟରେ ସୀମିତ କରାଯାଇପାରିବ ନାହିଁ।

# ଜରୁରୀ ପରିସ୍ଥିତି ବିରୋଧୀ ସଂଘର୍ଷ ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ



ଅମର ପ୍ରସାଦ ଶତପଥୀ
(ପୂର୍ବତନ ମନ୍ତ୍ରୀ) ଓଡ଼ିଶା

ଦୀର୍ଘଦିନ ସଂଗ୍ରାମ ଫଳ ସ୍ୱରୂପ ୧୯୪୭ ମସିହାରେ ଭାରତବର୍ଷ ବ୍ରିଟିଶ ଶାସନ କବଳରୁ ମୁକୁଳିଥିଲା। ଦେଶବାସୀଙ୍କୁ ସ୍ୱାଧୀନ ସୂର୍ଯ୍ୟାଲୋକର ପରଶ ମିଳିଲା । ସ୍ୱାଧୀନ ଭାରତର ସମ୍ବିଧାନ ଅନୁଯାୟୀ ଦେଶ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ସ୍ୱୀକୃତି ଲାଭ କଲା । ସ୍ୱାଧୀନତା ସଂଗ୍ରାମର ଇତିହାସ ବେଶ୍ ରୋମାଞ୍ଚକର। ଏକ ପକ୍ଷରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ସତ୍ୟାଗ୍ରହ ପନ୍ଥା ଅନ୍ୟ ପକ୍ଷରେ କେତେକ ସ୍ୱାଧୀନତା ସଂଗ୍ରାମୀ ସଶସ୍ତ୍ର ସଂଗ୍ରାମର ବିଶ୍ୱାସୀ ଥିଲେ । କିନ୍ତୁ ଲକ୍ଷ ଏକ ଥିଲା, ଦେଶ ମାତୃକାକୁ ପରାଧୀନତା ଶୃଙ୍ଖଳାରୁ ମୁକ୍ତ କରିବା । ସ୍ୱାଧୀନତା ସଂଗ୍ରାମରେ ବହୁ ବ୍ୟକ୍ତି ଜୀବନ ହାରି ଶହୀଦ ହେଲେ। ସଂଗ୍ରାମ ନେତୃତ୍ୱ ନେଉଥିବା ମହାତ୍ମା ଗାନ୍ଧୀଙ୍କ ସହିତ ଅଗଣିତ ସ୍ୱାଧୀନ ଚେତା ବ୍ୟକ୍ତି ବ୍ରିଟିଶ ଶାସନରେ କାରାରୁଦ୍ଧ ହୋଇ ବନ୍ଦୀ ଜୀବନ ବିତାଇଥିଲେ । ୧୯୪୨ 'କର ବା ମର' ଆହ୍ୱାନ ଭାରତୀୟ ଅନ୍ଦୋଳନ ତୀବ୍ରତର ହେବାରୁ ଦେଶକୁ ସ୍ୱାଧୀନତା ମିଳିଲା । ପ୍ରଣିତ ସମ୍ବିଧାନର ଗଣ୍ଡି ମଧ୍ୟରେ ଦେଶର ଶାସନ ଚଳାଇବା ଦାୟିତ୍ୱ ଭାରତୀୟଙ୍କୁ ପ୍ରାପ୍ତି ହେଲା । ନାଗରିକମାନଙ୍କ ମୌଳିକ ଅଧିକାର ଠାରୁ ଆରମ୍ଭ କରି ବ୍ୟକ୍ତି ସ୍ୱାଧୀନତାର ଧ୍ୱଜା ଭାରତୀୟ ମାଟିରେ ଉଡିଲା । ପ୍ରେସ୍ ସ୍ୱାଧୀନତା ଥିବାରୁ ମୁକ୍ତ ବିହଙ୍ଗମ ଭାବେ ମତ ସାବ୍ୟସ୍ତ କରିବାର ସୌଭାଗ୍ୟ ମିଳିବା ପରେ ସାବାଳକ ଭୋଟ ମାଧ୍ୟମରେ ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ସରକାର ଗଠିତ ହେଲା । ଅହିଂସା ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହକୁ ଆୟୁଧ କରି ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱର ଆନ୍ଦୋଳନ ସ୍ୱାଧୀନତା କାମୀ ଜନଗଣଙ୍କ ପାଇଁ ଆଦର୍ଶ ପନ୍ଥା ଭାବେ ବିବେଚିତ ହେଲା। ସମୟର ସ୍ରୋତରେ ସ୍ୱାଧୀନତା ଆନ୍ଦୋଳନ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହେଲା ।

ମାତ୍ର ୨୮ ବର୍ଷର ବ୍ୟବଧାନ ଅର୍ଥାତ୍ ୧୯୭୫ ମସିହାରେ ସମ୍ବିଧାନର ୩୫୨ ଅନୁଚ୍ଛେଦର ଦୁରୁପଯୋଗ କରାଯାଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପରାମର୍ଶରେ ରାଷ୍ଟ୍ରପତି ଫକୀରୁଦିନ ଅଲ୍ଲି ଅହମ୍ମଦଙ୍କ ଦ୍ୱାରା ଦେଶରେ ଜରୁରୀ ପରିସ୍ଥିତି ଘୋଷିତ ହେଲା। ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଶାସନ ବିରୁଦ୍ଧରେ ସୃଷ୍ଟି ହୋଇଥବା ଜନ ଅସନ୍ତୋଷକୁ ଦମନ କରିବା ଓ ତାଙ୍କୁ କ୍ଷମତାରେ ରଖିବା ପାଇଁ ଜରୁରୀ ପରିସ୍ଥିତି ଘୋଷଣାର ଏକ ମାତ୍ର ଉଦ୍ଦେଶ୍ୟ ଥିଲା । ୨୬ ଜୁନ୍ ୧୯୭୫ରେ ଆମ ଗଣତାନ୍ତ୍ରିକ ଇତିହାସରେ ଏକ କଳା ଅଧ୍ୟାୟର ଆରମ୍ଭ । ବିଦେଶୀ ଶାସନରୁ ମୁକ୍ତିଲାଭ କରି ଯେଉଁ କଷ୍ଟଲବ୍ଧ ବ୍ୟକ୍ତି ସ୍ୱାଧୀନତା ମିଳିଥିଲା ତାହା ଅପହୃତ ହେଲା। ଭ୍ରଷ୍ଟାଚାର, ଅରାଜକତା, ଅଗଣତାନ୍ତ୍ରିକ ଶାସନକୁ ବିରୋଧ କରୁଥିବା ରାଜନେତା, ଶାନ୍ତି ଓ ସଂହତିର ବାର୍ତ୍ତା ବହନ କରୁଥିବା ସାମାଜିକ ସଂଗଠନ କର୍ମକର୍ତ୍ତା। ଏପରିକି ସ୍ୱାଧନତା ସଂଗ୍ରାମୀ, ସର୍ବୋଦୟ କର୍ମୀ ମଧ୍ୟ ଗିରଫଦାରୀରୁ ବାଦ ପଡିଲେ ନାହିଁ । ସ୍ୱାଧୀନ ମତ କରିବାର ଅଧିକାର ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯ ଓ ୨୧ର ମୌଳିକ ଅଧିକାର ବ୍ୟବସ୍ଥାକୁ ସ୍ଥଗିତ କରାଗଲା ।

ରାଷ୍ଟ୍ରମନ୍ତ୍ରରେ ଦୀକ୍ଷିତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଗଠନକୁ ନିଷିଦ୍ଧ ଘୋଷଣା କରି ସାଧାରଣ କର୍ମୀଙ୍କ ଠାରୁ କାର୍ଯ୍ୟକର୍ତ୍ତା ମାନଙ୍କୁ କାରାଗାର ରୁଦ୍ଧ କୋଠରୀରେ ମିଶା, ଡିଆଇଆର୍, ଡିଆଇଏସ୍ଆର୍ ଆଇନ୍ ବଳରେ ବିନା ବିଚାରରେ ଅଟକ ବନ୍ଦୀ ରଖାଗଲା। ଜରୁରୀ ପରିସ୍ଥିତିର ୫୦ ବର୍ଷ ପୂର୍ତ୍ତିପାଳନ ଅବସରରେ।

ଦେଶର ଭ୍ରଷ୍ଟାଚାର, ସରକାରଙ୍କ ଜନ ବିରୋଧୀ ନୀତିର ବିରୋଧ କରୁଥିବା ଛାତ୍ରମାନଙ୍କୁ ପୋଲିସ୍ ବଳ ପ୍ରୟୋଗ କରି ଆନ୍ଦୋଳନକୁ ଦମନ କରିବାରେ ଲାଗିଲେ। ଲୋକନାୟକ ଜୟ ପ୍ରକାଶ ନାରାୟଣଙ୍କ ସମେତ ଗାନ୍ଧୀବାଦୀ ସର୍ବୋଦୟ ନେତାମାନେ ଏଭଳି ସ୍ଥିତିରେ ନିରବ ନରହି ଅନ୍ଦୋଳନର ମାର୍ଗଦର୍ଶନ କଲେ । ଅଗ୍ରଭାଗରେ ଯୁବକ ଛାତ୍ରମାନଙ୍କୁ ରଖାଯାଇ ସଂଘର୍ଷ ସମିତି ମାନ ଗଠିତ ହେଲା। ସମାଜର ସବୁ କ୍ଷେତ୍ରରେ ମୌଳିକ ପରିବର୍ତ୍ତନ ପାଇଁ ସମ୍ପୂର୍ଣ୍ଣ ବିପ୍ଳବର ଆହ୍ୱାନ ଦିଆଗଲା।

**" ସମ୍ପୂର୍ଣ୍ଣ କ୍ରାନ୍ତି ଅବ ନାରା ହେ ଭାବି ଇତିହାସ ହମାରା ହେ"**

ସ୍ଲୋଗାନ୍ ଦେଶରେ କମ୍ପନ ସୃଷ୍ଟି କଲା। ଲକ୍ଷାଧିକ ସତ୍ୟାଗ୍ରହୀମାନେ ମଧ୍ୟ ରାଜନେତାଙ୍କ ସହିତ ବନ୍ଦୀଶାଳାରେ ରହିଲେ। ଏପରିକି ବ୍ୟକ୍ତିର ମୌଳିକ ଅଧିକାର, ପ୍ରେସ୍ ସ୍ୱାଧୀନତା ନଥିବାରୁ ସମଗ୍ର ଦେଶ ଜେଲ ଖାନାରେ ପରିଣତ ହେଲା । ଦେଶ ବାହାରେ ଗଣତନ୍ତ୍ରର କଣ୍ଠରୋଧ କରିବାରୁ ତତ୍କାଳୀନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ କଠୋର ସମାଲୋଚନା କରାଗଲା। ଜୀବନକୁ ବାଜି ଲଗାଇ ଲୋକଙ୍କ ସାଲିସ ବିହୀନ ସଂଗ୍ରାମକୁ ସରକାରଙ୍କ ପକ୍ଷେ ସାମ୍ନା କରିବା ସମ୍ଭବ ହେଲା ନାହିଁ । ପ୍ରଥମ ସ୍ୱାଧୀନତା ଆନ୍ଦୋଳନରେ ବିଦେଶୀ ଶକ୍ତିର ଅତ୍ୟାଚାର ଦମନ ଲୀଳା ଚାଲିଥିବା ବେଳେ ୧୯୭୫-୭୭ ଜରୁରୀ ଗଣତନ୍ତ୍ର ଓ ସମ୍ବିଧାନର ଦ୍ୱାହି ଦେଇ ସମାନ ରୂପେ ଅନ୍ଦୋଳନକାରୀ ସତ୍ୟାଗ୍ରହୀ, ସ୍ୱାଧୀନ ମତ ପୋଷଣ କରୁଥିବା ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ଏହି ଅତ୍ୟାଚାରର ଶିକାର ହେବାକୁ ପଡିଲା ।

୧୯୭୭ ଜାନୁଆରୀ ନିର୍ବାଚନ ଘୋଷଣା ହେଲା ପରେ ନିରବ ଜନମତ ପ୍ରକାଶ କରିବାର ସୁଯୋଗ ମିଳିଲା । ସାଧାରଣ ଜନଗଣ ଜରୁରୀ ପରିସ୍ଥିତି ବିରୋଧରେ ମତଦାନ କଲେ । କଂଗ୍ରେସ ଶାସନ କେବଳ ନୁହେଁ ନିଜକୁ ଶକ୍ତିଶାଳୀ ମନେକରୁଥିବା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ତାଙ୍କ ପୁତ୍ର ସଂଜୟ ଗାନ୍ଧୀଙ୍କୁ ପରାଜୟର ସ୍ୱାଦ ଚାଖିବାକୁ ପଡିଲା। ୧୯୭୭ ମସିହା ନିର୍ବାଚନ ପରେ ମୋରାରଜୀ ଭାଇ ଦେଶାଇଙ୍କ ନେତୃତ୍ୱରେ କେନ୍ଦ୍ରରେ ପ୍ରଥମ ଅଣ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ ହେଲା ଓ ଗଣତନ୍ତ୍ରର ପୁନଃ ପ୍ରତିଷ୍ଠା ହେଲା । ନାଗରିକମାନେ ମୌଳିକ ଅଧିକାର ଫେରିପାଇଲେ । ଅପହୃତ ପ୍ରେସ ସ୍ୱାଧୀନତା ମିଳିଲା । ଭାରତୀୟ ଗଣତନ୍ତ୍ର କଠିନ ପରୀକ୍ଷାରେ ସମ୍ମୁଖୀନ ହୋଇ ସଫଳତା ସହ ଉତ୍ତୀର୍ଣ୍ଣ ହେଲା । ୪୪ତମ ସମ୍ବିଧାନ ସଂଶୋଧନ ଅନୁଯାୟୀ ବାହ୍ୟ ଆକ୍ରମଣ ଅଥବା ସଶସ୍ତ୍ର ବିଦ୍ରୋହ ହେଲେ ହେଁ ଜରୁରୀ ପରିସ୍ଥିତି ଜାରି ହୋଇ ପାରିବ, କିନ୍ତୁ ସମ୍ବିଧାନ ପ୍ରଦତ୍ତ ବ୍ୟକ୍ତି ସ୍ୱାଧୀନତା, ବଞ୍ଚିବାର ଅଧିକାରକୁ ଛଡାଇ ନିଆଯାଇ ପାରିବ ନାହିଁ । ଗଣତନ୍ତ୍ର ପାଇଁ ଏକ ରକ୍ଷା କବଚ ସାଜିଲା । ଭାରତୀୟ ଗଣତନ୍ତ୍ର ଶକ୍ତିର ଭୂୟସୀ ପ୍ରଶଂସା ହେଲା। କ୍ଷମତାଲୋଭୀ, ଅତ୍ୟାଚାରୀ ଭବିଷ୍ୟତ ଶାସକ ମାନଙ୍କ ପାଇଁ ଏହା ଏକ ସତର୍କ ଘଣ୍ଟି । ଜରୁରୀ ପରିସ୍ଥିତି ୫୦ ବର୍ଷ ପୂର୍ତ୍ତି ଅବସରରେ ସରକାର ପାଳନ କରୁଥିବା କାର୍ଯ୍ୟକ୍ରମ ଗଣତନ୍ତ୍ର ପାଇଁ ଶୁଭଙ୍କର।

ଜରୁରୀ ପରିସ୍ଥିତି ବିରୋଧୀ ସଂଘର୍ଷକୁ ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ ଭାବରେ ଅଭିହିତ କରାଗଲା ।

# ଅନ୍-ଲାଇନ ଶୋକ

ମୃଣାଳ ମନ୍ତ୍ର



ମୃଣାଳ
ମୋ : ୯୧ ୯୪୩୭୦ ୨୬୧୯୪

ଏବର ଡିଜିଟାଲ ଦୁନିଆରେ ମଣିଷର ସବୁ କଥା ଅନ-ଲାଇନରେ। ପ୍ରେମ ହେଉ କି ବିଚ୍ଛେଦ, କ୍ରୋଧ ହେଉ କି ଅଭିମାନ । ମଣିଷର ସବୁଠୁଁ ବ୍ୟକ୍ତିଗତ ଆବେଗ ହେଲା ଶୋକ; ତାହା ବି ଏବେ ଅନ-ଲାଇନରେ । ଆଜିକାଲି ଅନଲାଇନ୍‌ରେ ଶୋକ ପ୍ରକାଶ ବେଶି ଦିଶୁଛି । 'କେହି ମରିଗଲା' ବୋଲି ଖବର ପାଇଲା ମାତ୍ରେ କିଛି ଲୋକ ଅଛନ୍ତି ଯେଉଁମାନେ ଅନ-ଲାଇନ୍‌ରେ ଶୋକ ବାର୍ତ୍ତା ପୋଷ୍ଟ କରନ୍ତି । ଏ ଶୋକ ବାର୍ତ୍ତା ଭିତରୁ ସବୁଠାରୁ ଅଧିକ ଯେଉଁ ବାର୍ତ୍ତାଟି ପୋଷ୍ଟ କରାଯାଇଥାଏ ତାହାହେଲା 'ଆରଆଇପି' (ରିପ୍) । ଅର୍ଥ ରେଷ୍ଟ ଇନ୍ ପିସ୍ । ଶାନ୍ତିରେ ରୁହନ୍ତୁ । କିମ୍ବା ଓଁ ଶାନ୍ତି ।

ଗୋଟେ ସମୟରେ ଶୋକରେ ଲୋକେ ପଥର ହେଇଯାଉଥିଲେ । ଏବେ ଶୋକରେ ଲୋକେ ଆଗେ ଅନଲାଇନ ହୁଅନ୍ତି । ତା'ପରେ ପଥର ହୁଅନ୍ତି କି ନ ହୁଅନ୍ତି ଗ୍ୟାରେଣ୍ଟି ଦେଇ କହି ହେବ ନାହିଁ । ବର୍ତ୍ତମାନ ସମୟରେ କଉ କଥାରେ ଗ୍ୟାରେଣ୍ଟି ଦେଇ ହେବ ନାହିଁ । ମୃତ୍ୟୁର ଖବର ବି ଲୋକେ ଆଗେ ସୋସିଆଲ ମିଡିଆରେ ପୋଷ୍ଟ କରିଦେଉଛନ୍ତି । ବାପର ଶବ କାନ୍ଧେଇ ପୁଅ ଯାଉଛି ମଶାଣି, ତା ଭିତରେ ସେଲଫି ନେଇ ସୋସିଆଲ ମିଡିଆରେ ଲେଖୁଛି 'ଟେକିଂ ଫାଦର ଟୁ କ୍ରିମେଟୋରିମ । ଫିଲିଙ୍ଗ୍ ସ୍ୟାଡ।' ଗୋଟେ ହାତରେ ବାପର ମୂଖାଗ୍ନି ଦେଉଛି ଆର ହାତରେ ସେଲଫି । ବୁଝିପାରୁନି ମୁଖାଗ୍ନିଟାକୁ ଇଂରାଜୀରେ କ'ଣ ଲେଖିବ । ମାଉଥ ଫାୟାର ନା ଫାୟାର ମାଉଥ । ନବଘନର ମୁଖାଗ୍ନି ଦେଇ ତା ପୁଅ ଭୀମସେନ ଫେସବୁକରେ ଲେଖିଲା 'ଗେଭ ଫାୟାର ଇନ ମାଉଥ୍ ?, ଫିଲିଙ୍ଗ ସ୍ୟାଡ।' ସେଥିରେ ୧୩୫ଟା ଲାଇକ୍ ଆଉ ୨୦୦ ଖଣ୍ଡେ କମେଣ୍ଟ । ୨୦୦ କମେଣ୍ଟରୁ ୧୮୦ ହେଉଛି ଆରଆଇପି। ଯେଉଁମାନଙ୍କ ପାଖରେ ସମୟ ଅଛି ବା ଯେଉଁମାନଙ୍କୁ ଆଉ ଟିକିଏ ବେଶି କଷ୍ଟ ହେଇଛି ସେମାନେ ଲେଖିଛନ୍ତି 'ଫିଲିଙ୍ଗ ସ୍ୟାଡ । ରେଷ୍ଟ ଇନ ପିସ୍ ।' ଯେଉଁମାନଙ୍କର ଆଉ ଟିକିଏ କଷ୍ଟ ହେଇଛି ବା ତାଙ୍କ ପାଖରେ ଆଉ ଟିକିଏ ସମୟ ଅଛି ସେମାନେ ଲେଖିଲେ ତାଙ୍କର ଆତ୍ମାର ଶାନ୍ତି କାମନା କରୁଛି । ଯେଉଁମାନଙ୍କୁ ଆହୁରି କଷ୍ଟ ହେଇଛି ଏବଂ ଆହୁରି ସମୟ ଅଛି ସେମାନେ ଲେଖିଲେ – ଆହା ଛାତି ଭିତରେ କେମିତି ଗୋଟେ କଷ୍ଟ । ଆଛା ତା'ର କମେଣ୍ଟରେ ଆଉ ପାଞ୍ଚଜଣ ବି ଲେଖିଲେ ମୋ ଛାତି ଭିତରେ ବି ସେମିତି କଷ୍ଟ । ଏକାରକମର କଷ୍ଟ । ଆଉ ଦି ତିନି ଜଣ ଏତେ କଥା ନଲେଖିକି କିନ୍ତୁ ସେଇ ଭାବଟାକୁ ପ୍ରକାଶ କରିବାପାଇଁ ଲେଖିଦେଲେ – ସେମ୍ । ମାନେ ସେଇ ସମାନ କଥା । ତା ତଳକୁ ଜଣେ ମନ୍ତବ୍ୟ ଦେଲେ: ଛାତିରେ କଷ୍ଟ... ମାନେ ଗ୍ୟାସ ହୋଇଥିବ । ଦି'ଟା ଗ୍ୟାସ ବଟିକା ଖାଆନ୍ତୁ । ଠିକ ହୋଇଯିବ ।

ଯେଉଁମାନଙ୍କ ପରିବାର ବଡ଼ ସେମାନଙ୍କର ଆଉ ଗୋଟେ ପ୍ରକାର ସମସ୍ୟା । ବଡ଼ ପରିବାରରେ ଅଳ୍ପ ସମୟ ବ୍ୟବଧାନରେ କାହାରି ନ କାହାରି ଦେହାନ୍ତ ହେବ । ଧର ଏ ସପ୍ତାହରେ ଜଣକର ବାପା ମରିଗଲେ, ସେ ଲେଖିଲା– ଫାଦର ଡେଡ୍, ଫିଲିଙ୍ଗ୍ ସ୍ୟାଡ । ତା ଦୁଇ ସପ୍ତାହ ପରେ ତାର କିଏ ଦୂରସମ୍ପର୍କୀୟ ମଉସା ମରିଗଲେ, ସେ ସମୟରେ ସେ ଲେଖିଲା – ଅଙ୍କଲ ଡେଡ୍, ଫିଲିଙ୍ଗ ସ୍ୟାଡ । ଇଆଡେ କମେଣ୍ଟ କରିବା ଲୋକେ ଭାବୁଛନ୍ତି ୟାଙ୍କ ପରିବାରରେ କେତେ ମରୁଛନ୍ତି ମ ! ଆଉ କେତେ ସ୍ୟାଡ୍ ହେବ ମଣିଷ। ଅଧିକ ଦୁଃଖୀ ହେଲେ ମଣିଷ ଡିପ୍ରେସନରେ ଚାଲିଯିବ ଯେ ! ଥରେ ନବଘନର ମଉସାଙ୍କ ଦେହ ଭାରି ଖରାପ ହେଲା। ନବଘନ ମଝିରେ ମଝିରେ ଅପଡେଟ ଦିଏ । ମଉସାଙ୍କ ଦେହ ଭାରି ଖରାପ। ମଉସା ଆଉ ଖାଉ ନାହାନ୍ତି, ମଉସା ଆଉ ବେଡପ୍ୟାନ ମାଗୁ ନାହାନ୍ତି । ଇଆଡେ ନବଘନର ପ୍ରିୟ ସାଙ୍ଗ ରାମବାବୁ ହିମାଳୟକୁ ବୁଲିଯିବାର ପ୍ଲାନ କରିଛନ୍ତି। ସେଠି ମୋବାଇଲ ନେଟୱାର୍କ ମିଳିବ ନ ମିଳିବ ଠିକଣା ନାହିଁ । ସେ ବୁଲି ଯାଇଥିଲା ବେଳେ ନବଘନର ମଉସାଙ୍କର ଯଦି କିଛି ହେଇଗଲା ତାହାହେଲେ କ'ଣ ହେବ ? ସେ ତ ସାଙ୍ଗେ ସାଙ୍ଗେ ଶୋକବାର୍ତ୍ତା ପଠେଇପାରିବନି । ତେଣୁ ସେ ଲେଖିଦେଲା ରେଷ୍ଟ ଇନ୍ ପିସ୍ ଇନ ଆଡଭାନ୍ସ । ଆଗୁଆ ରେଷ୍ଟ ଇନ୍ ପିସ। ଯଦି ମୁଁ ଫେରିବା ଭିତରେ ତାଙ୍କର କିଛି ହେଇଯାଏ ତାହାହେଲେ ଜାଣିବେ ଏଇଟା ମୋର ଶୋକ ବାର୍ତ୍ତା। ଆଉ ଯଦି କିଛି ନହେଇ ଥାଏ ତାହାହେଲେ ମୁଁ ଏହାକୁ ୱାପସ ନେଇଯାଉଛି ।

# ଜଗନ୍ନାଥଙ୍କ ରଥ ନିର୍ମାଣର ଐତିହ୍ୟ ଓ ପରମ୍ପରା



ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ପୁରୁଷୋତ୍ତମ କ୍ଷେତ୍ର ପୁରୀରେ ବାର ମାସେ ତେର ପର୍ବପର୍ବାଣି ମହାସମାରୋହରେ ପାଳନ ହୋଇଥାଏ। ଏହି ପର୍ବପର୍ବାଣି ମଧ୍ୟରେ ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଉତ୍ସବ ପାଳିତ ହୋଇଥାଏ। ପରମ୍ପରା ଅନୁସାରେ ଏହି ଚତୁର୍ଦ୍ଧା ମୂର୍ତ୍ତିଙ୍କ ପାଇଁ ତିନୋଟି ରଥ ପ୍ରସ୍ତୁତି ହୋଇଥାଏ। ଏହି ତିନୋଟି ରଥର ନାମ ଯଥାକ୍ରମେ 'ନନ୍ଦିଘୋଷ', 'ତାଳଧ୍ୱଜ', ଓ 'ଦେବଦଳନ'। ୬ ଫୁଟ ଉଚ୍ଚତାର ୧୬ ଚକ ବିଶିଷ୍ଟ 'ନନ୍ଦିଘୋଷ' ରଥର ଦୈର୍ଘ୍ୟ ପ୍ରସ୍ଥ ୩୪ ଫୁଟ ୬ ଇଞ୍ଚ ଲେଖାଏଁ ଓ ଉଚ୍ଚତା ୪୫ ଫୁଟ ୬ ଇଞ୍ଚ। 'ତାଳଧ୍ୱଜ' ରଥର ଦୈର୍ଘ୍ୟ ପ୍ରସ୍ଥ ୩୩ ଫୁଟ ଓ ଉଚ୍ଚତା ୪୫ ଫୁଟ, ଏଥିରେ ୬ ଫୁଟ ୬ ଇଂଚ ଉଚ୍ଚତା ବିଶିଷ୍ଟ ୧୪ ଟି ଚକ ଲାଗିଥାଏ। ସୁଭଦ୍ରାଙ୍କ 'ଦେବଦଳନ' ରଥ ୬ ଫୁଟ ୮ ଇଂଚ ଉଚ୍ଚତା ବିଶିଷ୍ଟ ୧୨ ଟି ଚକ , ଉଚ୍ଚତା ୪୪ ଫୁଟ ୬ ଇଂଚ। ଏହି ରଥର ଦୈର୍ଘ୍ୟ ପ୍ରସ୍ଥ ୩୧ ଫୁଟ ୬ ଇଂଚ। ଏହି ତିନୋଟି ବିଶ୍ୱ ପ୍ରସିଦ୍ଧ ରଥ ନିର୍ମାଣ ନିମନ୍ତେ ସରକାରଙ୍କ ଜଙ୍ଗଲ ବିଭାଗ ଅନୁମତି କ୍ରମେ ନୟାଗଡ ଓ ଖୋର୍ଦ୍ଧା ଅଂଚଳର ଜଙ୍ଗଲ ବିଭାଗ ଅଧିକାରୀ ବିନାମୂଲ୍ୟରେ ଶ୍ରୀମନ୍ଦିର ପ୍ରଶାସନକୁ କାଠ ଯୋଗାଇ ଥାଆନ୍ତି। ନୟାଗଡ ଜଙ୍ଗଲ ବିଭାଗ ଅଧିକାରୀ ପ୍ରତିବର୍ଷ ୮୬୨ ଖଣ୍ଡ ଫାଶୀ, ଅଶନ, ଧଉରା ଆଦି ପାକଳ କାଠ ଯୋଗାଇ ଥାନ୍ତି। ଉକ୍ତ ୮୬୨ ଖଣ୍ଡ କାଠ ମଧ୍ୟରୁ ରଥର ତୁମ୍ବ ପାଇଁ ୬ ଫୁଟ ମୋଟ ଓ ୯ ଫୁଟ ଲମ୍ବର ୨୨ ଖଣ୍ଡ; ପାଲ ପାଇଁ ୬ ଫୁଟ ମୋଟ ଓ ୧୨ ଫୁଟ ଲମ୍ବର ୫୦ ଖଣ୍ଡ ଫାଶୀ କାଠ ; ଦଣ୍ଡା ଓ ଅଖ ପାଇଁ ୩ ଫୁଟ ଗୋଲେଇ ଓ ୪୦ ଫୁଟ ଲମ୍ବ ବିଶିଷ୍ଟ ୫୦ ଖଣ୍ଡ ଧଉରା କାଠ, ଅରମୁଣ୍ଡି ପାଇଁ ୩ ଫୁଟ ମୋଟ ଓ ୧୨ ଫୁଟ ଲମ୍ବର ୪୬୮ ଖଣ୍ଡ ଧଉରା ଓ ଅଶନ କାଠ ଏବଂ ରଥର ଗୟଳ ନିମନ୍ତେ ୩ ଫୁଟ ଗୋଲେଇ ଓ ୪୦ ଫୁଟ ଲମ୍ବର ୨୭୨ ଖଣ୍ଡ କାଠ ଅଣା ଯାଇଥାଏ। ଏହା ବ୍ୟତିତ ଖୋର୍ଦ୍ଧାର ଜଙ୍ଗଲ ବିଭାଗ ରଥର ଅନ୍ୟାନ୍ୟ ଅଂଶ ତିଆରି ପାଇଁ କାଂଶ, ଶିମିଳି, ପାଳଧୁଆ, ମହାଲିମ୍ବ, ଗମ୍ଭାରୀ, ମଇ, କଦମ୍ବ, ଦେବଦାରୁ ଓ କାଳଚୁଆ ବଲ୍ହା ଆଦି ୨୭୪ ଖଣ୍ଡ କଂଚା କାଠ ଯୋଗାଇ ଦେଇଥାନ୍ତି।

ଏହି କାଠ ମଧ୍ୟରେ ଅଢେଇ ଫୁଟରେ ୧୦ ଫୁଟ ଲମ୍ବ ବିଶିଷ୍ଟ ୪୬ ଖଣ୍ଡ କାଂସ ଓ ଶିମିଳି କାଠ, ୩ ଫୁଟରେ ୧୦ ଫୁଟ ଲମ୍ବ ବିଶିଷ୍ଟ ୮୫ ଖଣ୍ଡ ପାଳଧୁଆ କାଠ, ୧୫ ଖଣ୍ଡ ମଇ କାଠ, ୨୦ ଖଣ୍ଡ ମହାଲିମ୍ବ କାଠ ଓ ୪ ଖଣ୍ଡ କଦମ୍ବ କାଠ, ୫/ ୨ ଫୁଟରେ ୧୨ ଫୁଟ ଲମ୍ବର ଖଣ୍ଡେ ମଇ କାଠ; ୫ ଫୁଟରେ ୧୦ ଫୁଟ ଲମ୍ବର ଦେବଦାରୁ କାଠ; ୫ ଫୁଟରେ ୯ ଫୁଟ ଲମ୍ବର ୪୨ ଖଣ୍ଡ ମଇ ଦେବଦାରୁ ଓ ପାଳଧୁଆ କାଠ ଏବଂ ୭ ଇଂଚ ମୋଟ ଓ ୯ ଫୁଟ ଲମ୍ବର ୬୦ ଖଣ୍ଡ କାଳଚୁଆ ବଲ୍ହା ଅନ୍ତର୍ଭୁକ୍ତ। ଏହାପରେ କାଠ ଚିରା କାମ ସମ୍ପନ୍ନ ପରେ ରଥ ନିର୍ମାଣର ବିଧି ବଦ୍ଧ ଅନୁକୂଳ ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟା ବା ଅକ୍ଷୟ ତୃତୀୟା ଦିନ କରାଯାଏ। ରଥ ନିର୍ମାଣର ଅନୁକୂଳ ଠାରୁ ରଥଯାତ୍ରା ମଧ୍ୟରେ ୫୭ ଦିନ ବ୍ୟବଧାନ ରହୁଥିବାର ରଥର କେଉଁ କାମ କେଉଁ ସମୟ ସୁଦ୍ଧା ସମ୍ପନ୍ନ ହେବାକଥା ତାହା ନିର୍ଦ୍ଧାରିତ ହୋଇଥାଏ। ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ବା ନୃସିଂହ ଚତୁର୍ଦ୍ଦଶୀ ବା ଭଉଁରି ଯାତ୍ରା ଦିନ ସୁଦ୍ଧାଅନ୍ୟୁନ ତିନି ରଥର ୬ ଗୋଟି ଚକ ତିଆରି ହୋଇଥାଏ। ରଥର ଏହି ନିର୍ମାଣ କାର୍ଯ୍ୟକୁ ପୁରୀର ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଏକ୍‌ଜିକ୍ୟୁଟିଭ ଯନ୍ତ୍ରୀ ତଦାରଖ କରିଥାନ୍ତି । ରଥ ନିର୍ମାଣ ଶେଷରେ ଶ୍ରୀମନ୍ଦିର ପ୍ରଶାସକ ଟ୫୦/- ଫି ଦାଖଲ କରି ଉପଯୁକ୍ତ ପ୍ରମାଣପତ୍ର ହାସଲ କରିଥାନ୍ତି। ଏହା ପରେ ଶ୍ରୀ ମନ୍ଦିରରୁ ଆଜ୍ଞାମାଳ ନେଇ ତିନିରଥରେ ବନ୍ଧାଯିବା ପରେ ରଥଖଳାରୁ ପ୍ରଥମେ ନନ୍ଦିଘୋଷ, ଦେବଦଳନ ଓ ଶେଷରେ ତାଳଧ୍ୱଜ ରଥକୁ ପଛୁଆ ଟାଣି ଆଣି ସିଂହଦ୍ୱାର ପାଖରେ ରଖାଯାଏ। ଏହି ପୂର୍ଣ୍ଣାଙ୍ଗ ରଥ ତିନୋଟିରେ ଚକ, ଦାଣ୍ଡିଆ, ଅର, ବାଙ୍କି, ହଂସପଟା, କଣି, ଶଙ୍ଖଦ୍ୱାର, ଜାଲି, ଗାଇପଟା, ସିଂହାସନ, କନକମୁଣ୍ଡାଇ, ଭୂମି, ଷୋଳନାହାକା, ମଗରଦଣ୍ଡା, ବସନ୍ତ, ଦୁଆର ଘୋଡା, ସାରଥୀ ପୀଢ, କୁମ୍ଭପଟି, ରାହୁ ପଟି, ଆଠନାହାକା, ବାଙ୍କି ପୀଠ, ରକ୍ଷିପଟା, ଦଣ୍ଡା, ପାରାଭାଡି, ଖପୁରି, ପାଦ, ଓଲଟଶୁଆ, ଦଧିନଉତି, କଳସ କଣ୍ଠି, ଦଣ୍ଡ, ଚକ୍ର ପତକା ଆଦି ୩୪ଟି ଅଙ୍ଗ ରହିଥାଏ। ପରିଶେଷରେ ଏତିକି କୁହାଯାଇପାରେ ଯେ ରଥକାଠ ଅନୁକୂଳ କରି ଶ୍ରୀକ୍ଷେତ୍ରକୁ ଆସିବାଠାରୁ ରଥଯାତ୍ରା ପର୍ଯ୍ୟନ୍ତ ପ୍ରାୟ ପାଞ୍ଚ ମାସ ରଥ ନିର୍ମାଣ ବିଧାନ ନିମନ୍ତେ ସମୟ ଲାଗିଥାଏ। ତାପରେ ଭକ୍ତବାନ୍ଧବ ଜଗନ୍ନାଥ ରଥ ଯାତ୍ରାଦିନ ଉକ୍ତ ରଥରେ ଚଢି ଭକ୍ତ ମାନଙ୍କୁ ବାମନ ବେଶରେ ଦର୍ଶନ ଦେଇଥାନ୍ତି। ' ରଥେତୁ ବାମନଂ ଦୃଷ୍ଟ୍ୱା ପୂନର୍ଜନ୍ମ ନବିଦ୍ୟତେ'।

# ବର୍ତ୍ତମାନର ଜଳ ସମସ୍ୟା ଓ ତାର ସମାଧାନ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଭଗବତୀ ସାହିତ୍ୟ ସଂସଦ
ଅରଙ୍ଗାବାଦ, ବରୀ, ଯାଜପୁର
ମୋ-୮୨୪୯୫୦୨୭୭୬

ପୃଥିବୀର ସମସ୍ତ ଜୀବଜଗତ ପାଇଁ ଜଳ ଅତ୍ୟାବଶ୍ୟକ। କୁହାଯାଏ ଯେ 'ଜଳ ହିଁ ଜୀବନ', ଯାହା ଏହାର ଗୁରୁତ୍ୱକୁ ଦର୍ଶାଏ। ମାନବ ସଭ୍ୟତା ନଦୀ କୂଳରେ ଉତ୍ପତ୍ତି ହୋଇଥିଲା ଏବଂ ଜଳ ଉପରେ ଆଧାରିତ ହୋଇ ଅଗ୍ରଗତି କରିଛି। ତଥାପି, ଆଜିର ସମୟରେ, ଜଳ ଅଭାବ ଏକ ଗମ୍ଭୀର ସମସ୍ୟା ଭାବରେ ଉଭା ହେଉଛି। ବର୍ଦ୍ଧିତ ଜନସଂଖ୍ୟା, ଶିଳ୍ପାୟନ, ଜଳ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଳ ସମ୍ପଦ ହ୍ରାସ ପାଉଛି। ତେଣୁ, ଜଳ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଭବିଷ୍ୟତ ପଦକ୍ଷେପ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱର ଅନେକ ଦେଶ ଜଳ ଅଭାବ ସହିତ ସଂଘର୍ଷ କରୁଛନ୍ତି। ଯଦିଓ ପୃଥିବୀର ୭୦% ଜଳରେ ଆଚ୍ଛାଦିତ ତଥାପି ଶୁଦ୍ଧ ପାନୀୟ ଜଳର ପରିମାଣ ବହୁତ କମ୍ ଆଉ ଏଥିପାଇଁ ଅତ୍ୟଧିକ ଭୂତଳ ଜଳ ବ୍ୟବହାର, ନଦୀ, ହ୍ରଦ ଏବଂ ଝରଣାର ପ୍ରଦୂଷଣ, ପରିବେଶଗତ ଅସନ୍ତୁଳନ, ଅସମୟରେ ବର୍ଷା ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ହୋଇଛି। ଯଦି ଏହି ସମସ୍ୟା ଲାଗାତର ଜାରି ରହେ, ତେବେ ଭବିଷ୍ୟତରେ ଲୋକମାନେ ପାନୀୟ ଜଳରୁ ବଞ୍ଚିତ ମଧ୍ୟ ହୋଇପାରନ୍ତି। ଜଳ ସୁରକ୍ଷା ଅର୍ଥ ହେଉଛି ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ଏବଂ ସ୍ୱଚ୍ଛ ଜଳ ଯୋଗାଣ ସୁନିଶ୍ଚିତ କରିବା। ଏହା କେବଳ ମାନବ ଜୀବନ ପାଇଁ ନୁହେଁ ବରଂ କୃଷି, ଶିଳ୍ପ ଏବଂ ପରିବେଶ ପାଇଁ ମଧ୍ୟ ଅତ୍ୟାବଶ୍ୟକ। ଜଳ ସୁରକ୍ଷା ବିନା ଅନେକ ସମସ୍ୟା ଉପୁଜିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଉଦାହରଣ ସ୍ୱରୂପ ଖାଦ୍ୟ ଉତ୍ପାଦନ ହ୍ରାସ ପାଇବ, ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବ ଏବଂ ଆର୍ଥିକ ଅଭିବୃଦ୍ଧି ମଧ୍ୟ ବାଧାପ୍ରାପ୍ତ ହେବ। ଜଳ ସୁରକ୍ଷା ହେଉଛି ସ୍ଥାୟୀ ବିକାଶର ମୂଳଦୁଆ। ଏହି ଜଳ ସମସ୍ୟାର ସମାଧାନ ପାଇଁ ଆମକୁ ରୀତିମତ ଅନେକ ଭବିଷ୍ୟତ ପଦକ୍ଷେପ ନେବାକୁ ପଡିବ। ପ୍ରଥମତଃ, ବର୍ଷାଜଳର ସଂଗ୍ରହ । ବର୍ଷା ହେଉଛି ପ୍ରାକୃତିକ ଜଳର ମୁଖ୍ୟ ଉତ୍ସ। ଆମେ ବର୍ଷାଜଳ ସଂଗ୍ରହ କରି ଭୂତଳ ଜଳ ପୁନଃ ପୂରଣ କରିପାରିବା। ଘର, ସ୍କୁଲ ଏବଂ କଳ କାରଖାନାରେ ବର୍ଷାଜଳ ସଂଗ୍ରହ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯିବା ଉଚିତ। ଦ୍ୱିତୀୟତଃରେ ଜଳ ସଂରକ୍ଷଣ ସଚେତନତା। ଲୋକଙ୍କୁ ଜଳ ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରାଯିବା ଉଚିତ। ଅପଚୟ ଜଳ ବ୍ୟବହାରକୁ ରୋକିବା, ଲିକ୍ ହେଉଥିବା ପାଇପ୍ ମରାମତି କରିବା, କମ୍ ପାଣିରେ ଦୈନନ୍ଦିନ କାର୍ଯ୍ୟ ସମାପ୍ତ କରିବା ଇତ୍ୟାଦି ଛୋଟ ଛୋଟ ଅଭ୍ୟାସ ବିଷୟରେ ସଚେତନ ହେବା ଗୁରୁତ୍ୱପୂର୍ଣ୍ଣ। ଏହା ପ୍ରଚୁର ପାଣି ସଞ୍ଚୟ କରିପାରିବ। ତୃତୀୟରେ ନଦୀ ଏବଂ ଜଳାଶୟକୁ ସଂରକ୍ଷଣ କରିବା। ନଦୀ, ହ୍ରଦ ଏବଂ ପୋଖରୀକୁ ପ୍ରଦୂଷଣରୁ ରକ୍ଷା କରିବା ଉଚିତ। ଶିଳ୍ପ ଏବଂ ଘରୋଇ ଅଳିଆ ଆବର୍ଜନାକୁ ସିଧାସଳଖ ଜଳାଶୟରେ ପକାଇବା ଉଚିତ ନୁହଁ । ଚତୁର୍ଥରେ ଭୂତଳ ଜଳର ବ୍ୟବସ୍ଥିତ ବ୍ୟବହାର। ଭୂତଳ ଜଳର ଅତ୍ୟଧିକ ବ୍ୟବହାର ଜଳସ୍ତରକୁ ହ୍ରାସ କରୁଛି। ତେଣୁ, ଏହାର ବ୍ୟବହାର ନିୟନ୍ତ୍ରଣ କରାଯିବା ଉଚିତ ଏବଂ ପୁନଃ ସଂଗ୍ରହ ତଥା ପୂରଣ ବ୍ୟବସ୍ଥାକୁ ବିସ୍ତାର କରାଯିବା ଉଚିତ। ପଞ୍ଚମରେ କୃଷିରେ ଆଧୁନିକ ଜଳସେଚନ ବ୍ୟବସ୍ଥା ଗ୍ରହଣ କରିବା। କୃଷିରେ ପ୍ରଚୁର ପାଣି ବ୍ୟବହାର ହୁଏ । ତେଣୁ, ଡ୍ରିପ୍ ଜଳସେଚନ ଏବଂ ସିଞ୍ଚନକାରୀ ବ୍ୟବସ୍ଥା ଜଳ ବ୍ୟବହାରକୁ ହ୍ରାସ କରିପାରିବ। ଷଷ୍ଠରେ ଗଛ ଲଗାଇବା ଏବଂ ପରିବେଶ ସୁରକ୍ଷା ଜଳ ସଂରକ୍ଷଣରେ ଅଧିକ ଗଛ ଲଗାଇବା ଏବଂ ଜଙ୍ଗଲ ସୁରକ୍ଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଗଛ ବର୍ଷାକୁ ଧରିଥାଏ ଏବଂ ଭୂତଳ ଜଳ ସଂରକ୍ଷଣ କରିଥାଏ। ସପ୍ତମରେ ଜଳ ପୁନଃବ୍ୟବହାର ଏବଂ ପୁନଃଚକ୍ରଣ। ଘରୋଇ ଏବଂ ଶିଳ୍ପ ଜଳକୁ ବିଶୋଧନ ଏବଂ ପୁନଃବ୍ୟବହାର କରାଯିବା ଉଚିତ। ଏହା ଜଳ ଅପଚୟକୁ ହ୍ରାସ କରିଥାଏ। ଅଷ୍ଟମରେ ସରକାରୀ ନୀତି ଏବଂ ଆଇନ। ଜଳ ସଂରକ୍ଷଣ ପାଇଁ ଦୃଢ଼ ନୀତି ଏବଂ ଆଇନ ଅତ୍ୟାବଶ୍ୟକ। ଜଳ ବ୍ୟବହାରକୁ ନିୟନ୍ତ୍ରଣ କରୁଥିବା ଏବଂ ଏହାକୁ ପ୍ରଦୂଷିତ କରୁଥିବା ଲୋକଙ୍କ ପାଇଁ କଠୋର ଆଇନ ଏବଂ ଦଣ୍ଡ ଆବଶ୍ୟକ। ନବମରେ ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର। ଡିସାଲିନେସନ୍ ଏବଂ ସମୁଦ୍ର ଜଳ ବିଶୋଧନ ତଥା ଲୁଣି ପାଣିକୁ ମଧୁର ପାଣିରେ ବ୍ୟବସ୍ଥା କରିବା ଏବଂ ସ୍ମାର୍ଟ ଜଳ ପରିଚାଳନା ଭଳି ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ଜଳକୁ ସୁରକ୍ଷିତ କରିବାରେ ସାହାଯ୍ୟ କରିପାରିବ। ଶେଷରେ, ଜଳ ସମ୍ପଦ ବିଷୟରେ ଅଧିକ ଗବେଷଣା ଏବଂ ଜ୍ଞାନ ଆବଶ୍ୟକ। ନୂତନ ପଦ୍ଧତି ଏବଂ ପ୍ରଯୁକ୍ତିବିଦ୍ୟା ଖୋଜି ଜଳ ସମସ୍ୟାର ସମାଧାନ କରାଯାଇପାରିବ। ଜଳବାୟୁ ପରିବର୍ତ୍ତନ ଜଳ ସମ୍ପଦକୁ ଗୁରୁତର ଭାବରେ ପ୍ରଭାବିତ କରୁଛି। ବର୍ଷା ଧାରାରେ ପରିବର୍ତ୍ତନ ହେଉଛି, ଏବଂ ଝଡ଼ ଏବଂ ଗରମ ତରଙ୍ଗ ବୃଦ୍ଧି ପାଇଛି। ତେଣୁ, ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ମଧ୍ୟ ଜଳ ସୁରକ୍ଷାର ଏକ ଅଂଶ। ଆମ ଦେଶରେ, ଭାରତ ସରକାର ଅନେକ ଗୁଡିଏ ଯୋଜନା ପ୍ରସ୍ତୁତ କରିଛନ୍ତି। ଯେପରି – ଜଳ ଜୀବନ ମିଶନ, ନମାମି ଗଙ୍ଗେ ଯୋଜନା ଏବଂ ଅଟଳ ଭୂଜଳ ଯୋଜନା ଭଳି ବିଭିନ୍ନ ଜଳ ସୁରକ୍ଷା ଯୋଜନା ଆରମ୍ଭ କରିଛନ୍ତି। ଏହି ସମସ୍ତ ପଦକ୍ଷେପ ଜଳ ସଂରକ୍ଷଣ ଏବଂ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ। ଜଳ ସୁରକ୍ଷା ସରକାରଙ୍କ ଏକମାତ୍ର ଦାୟିତ୍ୱ ନୁହେଁ। ପ୍ରତ୍ୟେକ ବ୍ୟକ୍ତି ଏଥିରେ ଭୂମିକା ଗ୍ରହଣ କରିବା ଉଚିତ। ଉଦାହରଣ ସ୍ୱରୂପ, ପରିବାରର ଜଳ ବ୍ୟବହାର ହ୍ରାସ କରିବା ଉଚିତ୍ , ପୋଖରୀ ଏବଂ ନଦୀ ସଫା କରିବାରେ ଅଂଶଗ୍ରହଣ କରିବା ଉଚିତ୍ , ଗଛ ଲଗାଇବା ଆବଶ୍ୟକ ଏବଂ ସଚେତନତା ଅଭିଯାନରେ ଅଂଶଗ୍ରହଣ କରିବା ଆବଶ୍ୟକ । ଜଳ ସଂରକ୍ଷଣ ଏକ ସାମୂହିକ ଦାୟିତ୍ୱ। ଯଦି ଆମେ ଏହି ବିଷୟରେ ଏବେ ପଦକ୍ଷେପ ନନେବୁ, ତେବେ ଭବିଷ୍ୟତରେ ଜଳ ଅଭାବ ଏକ ଗମ୍ଭୀର ସମସ୍ୟା ହୋଇପଡ଼ିବ। ତେଣୁ ସଠିକ୍ ପଦକ୍ଷେପ ଏବଂ ସଚେତନତା ସହିତ, ଆମେ ଜଳ ସମ୍ପଦକୁ ସୁରକ୍ଷା ଦେଇପାରିବା। ଯେପରି କୁହାଯାଏ, 'ଆଜିର ସଂରକ୍ଷଣ ଆଗାମୀର ଜୀବନ ' – ଏହି ମୌଳିକ ମନ୍ତ୍ରକୁ ମନରେ ରଖି ଆମେ ସମସ୍ତେ ଜଳ ସଂରକ୍ଷଣ ସହିତ ଆଗକୁ ବଢ଼ିବା ଉଚିତ।

# ଗପ ହେଲେ ବି ସତ



ଶ୍ୟାମସୁନ୍ଦର ଅଗ୍ରୱାଲା
୯୭, ଜନପଥ, ଭୁବନେଶ୍ୱର
୯୪୩୭୦୬୭୫୬୭

ଥରେ ଗୋଟିଏ ଲୋକ ପାହାଡ଼ ଉପରୁ ତଳକୁ ଖସିପଡ଼ିଲା । ବିକଳ ହୋଇ ରକ୍ଷା କରିବା ପାଇଁ ସେ ଭଗବାନଙ୍କୁ ପ୍ରାର୍ଥନା କଲା । ଏହି ସମୟରେ ବୀରବଲ ଓ ତାଙ୍କ ବନ୍ଧୁ ସେହିବାଟେ ଯାଉଥିଲେ । ବୀରବଲଙ୍କ ବନ୍ଧୁ ତାଙ୍କୁ ବଞ୍ଚେଇବାକୁ ଚେଷ୍ଟା କଲେ ଓ ତା' ପାଖକୁ ଯାଇ ତାଙ୍କ ହାତ ବଢ଼େଇ କହିଲେ 'ଦିଅ ତୁମ ହାତଟାକୁ ଦିଅ ।' ମୁଁ ତୁମକୁ ଟାଣି ଆଣି ବଞ୍ଚେଇ ଦେବି । ଲୋକଟି କର୍ଣ୍ଣପାତ କଲା ନାହିଁ କିମ୍ବା ତା' ହାତକୁ ଟାଣିଦେବା ପାଇଁ ଦେଲା ନାହିଁ। ବୀରବଲଙ୍କ ବନ୍ଧୁ ଆଶ୍ଚର୍ଯ୍ୟ ହୋଇ ବୀରବିଲଙ୍କୁ କାରଣ କ'ଣ ବୋଲି ପଚାରିଲେ । ବୀରବଲ୍ ଲୋକଟି ପାଖକୁ ଆସି ପଚାରିଲେ 'ତୁମେ କ'ଣ କର ?' 'ଲୋକଟି କହିଲା 'ମୁଁ ଜଣେ ରାଜକର୍ମଚାରୀ ଆଉ ଖଜଣା ଆଦାୟ କରେ ।' ଏ କଥା ଶୁଣିବା ପରେ ବୀରବଲ୍ ତାଙ୍କ ହାତକୁ ବଢ଼େଇ କହିଲେ, 'ନିଅ ମୋ ହାତକୁ ନିଅ । ତୁମେ ବଞ୍ଚିଯିବ ।' ଏତିକି ଶୁଣି ଲୋକଟି ଚଟାପଟ ବୀରବଲଙ୍କ ହାତକୁ ନେଇ ଉପରକୁ ଉଠି ଆସିଲା । ଏହାପରେ ବୀରବଲ୍ ତାଙ୍କ ବନ୍ଧୁଙ୍କୁ କହିଲେ 'ଯିଏ ଯାହା ସିଏ କେବଳ ତା' ଭାଷା ହିଁ ବୁଝେ । ସେ ଜଣେ ଖଜଣା ଆଦାୟକାରୀ ଯିଏ ଜୀବନଯାକ କେବଳ 'ନେଇଛି' ତେଣୁ ମୃତ୍ୟୁ ସମୟରେ ମଧ୍ୟ ସେ 'ଦେବା' କ'ଣ ବୁଝିପାରେନା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ମେଘରାଗ

ଦେବାଶିଷ ଚକ୍ରବର୍ତ୍ତୀ

**ବରଷା**
ଛପର ଉପରେ ଝପର ଝପର
ହୋଇ ଯେବେ ପଡେ ବରଷା ଝରି
ମନେ କି ହୁଏନି ମନ ଅଗଣାରେ
ବାଉଅଛି କିଏ ଯୋଡି ମହୁରୀ ?

**ଇନ୍ଦ୍ରଧନୁ**
ଇନ୍ଦରଧନୁର ତୋରଣଟି ସିନା
ଦଣ୍ଡକରେ ଯାଅଇ ଅପସରି
ଫୁଟିବା ଆଗରୁ ଅଭାବୀ ମନରୁ
ସପନର ଫୁଲ ଝରେ ଯେପରି ।

**ବଉଦ**
ବଉଦ ଉହାଡେ ସୁରୁଜ ଲୁଚିଲେ
ଧରା କପୋଳକୁ ଚୁମେନି ଖରା
ନିରାଶା ବଉଦ ମନକୁ ଢ଼ାଙ୍କିଲେ
ଦୁଃଖରେ ବତୁରେ ମନ ବଖରା ।

**ଛତୁ**
ସବୁ ଛତୁ କଣ ପାଟି ସୁଆଦିଆ
ସଂସାରରେ ପାଇଥାନ୍ତି ଆଦର
ଧନଦର୍ପୀଙ୍କର ଗହଣେ ଯେପରି
ନିର୍ଦ୍ଧନର ରହେନାହିଁ କଦର ।

**ଜୁଳୁଜୁଳିଆ**
ମୁହୂର୍ତ୍ତକ ପାଇଁ ହେଉପଛେ ସିଏ
ଅନ୍ଧାରର ଛାତି ଦିଅଇ ଚିରି
ବେକାର ମନରେ ଆଶା ଭରିଦିଏ
ଚାକିରିର ବିଜ୍ଞାପନ ଯେପରି ।



ମଣ୍ଡୁଆ, କେନ୍ଦୁଝର ଗଡ
ମୋ - ୯୪୩୭୭୫୨୩୯୫

## ।। ମୌସୁମୀ ଏକ ମନୋଇ ଝିଅ ।।

ସୁଜିତ କୁମାର ମିଶ୍ର

କେତେ ଆକର୍ଷଣୀୟ ସତେ
ମୁହଁର ହସ ହସର ମୋତି,
ତା ଭିଜାଭିଜା ପ୍ରେମର ଜ୍ୟୋତି ।

ମୌସୁମୀ ଏକ ମନୋଇ ଝିଅ ପରି
ଏଇଠିକି ଆସେ ଯାଏ
ସହସ୍ର ଚୁମ୍ବନର ଚିଟାଉରେ
ଅଧାଗଢା କାବ୍ୟଟେ ଲେଖି
ଲେଉଟି ଥାଏ,
କୁଟୁମ୍ବ ଲୋକ ପରି
ଜଗତ ଯାକର ଶୁଷ୍କତାକୁ
ତା ପ୍ରେମରେ ଧୋଇଦିଏ ।

ତା କୋମଳ ପାଦର
ନୂପୁର ଗୀତରେ
ଫିଟି ଫିଟିଯାଏ ନିଦାଘର ନାଗଫାଶ,
ଚଳ ଚଞ୍ଚଳ ହୁଏ ଜୀବନ,
ସବୁଜ ରଙ୍ଗରେ ସଜେଇ ହୁଏ
ଜୀବ ପ୍ରାଣ ।

କାହିଁ କେତେ କାଳୁ
ବିରହ ପଣରେ ଶୋଇଥିବା ପ୍ରାଣକୁ
ସେ ଅଜାଡି ଦିଏ ପ୍ରୀତିଫୁଲ,
କେଉଁ ଚିତ୍ରକରର ଗଢଣ କେଜାଣି
ସେ ସୁଖର ଦୁଃଖରେ
ଚିତ୍ରିତ ଶ୍ରାବଣ,
ପାଖୁଡା ପାଖୁଡା ପୁଲକରେ
ସେ ଦରଦୀ ଧାରାଟେ ହୋଇ
କରେ ଧରାବତରଣ ।

ସେ ଝରିଲେ ଓଦା ହୁଏ ମାଟି,
ରଙ୍ଗମୟ ହୁଏ
ଫିକା ଫିକା ଲାଗୁଥିବା ଝୋଟି,
ସମୟର ପ୍ରିୟ ପ୍ରାର୍ଥନାରେ ସେ
ଆଶାର ଶ୍ରଦ୍ଧା ବୁଣି ଦିଏ
କେବେ ପ୍ରତୀକ୍ଷାରେ
ବିଳାପର ଲୁହ ସେ ଦୁଃଖର ଢେଉ ପାଲଟି ।

ଲେଖେ ସେ ପ୍ରେମ କବିତା
ଏକାନ୍ତରେ
ଅନୁରାଗର ହୃଦତନ୍ତ୍ରୀରେ,
ସେ ଅନୁପମା
ଅନ୍ତିମ ଇଚ୍ଛାର ଓଦାପଣ,
ରୂପସୀ ନାରୀର ସେ ଶୋଭା ଲାବଣ୍ୟ
କୋଟି ବୈଭବର ପୁଣ୍ୟତଟରେ ।

ଆକାଶ ପିନ୍ଧେନି କି
ପ୍ରୀତିର ରଙ୍ଗୀନ ଶାଢି
ସେ ଆସିଲେ ବାଜା ରୋଷଣୀ ନେଇ,
ତୁମ ଅଭିମାନୀ ମନରେ
ସେ ହୁଏ ନି କି
ଖିଲିଖିଲି ଆଷାଢର ନଈ ?

ଏଇ ମନୋଇ ଝିଅ ପାଇଁ ତ
ମହମହ ଦିଶେ ସଂସାର
ଯେମିତିକି ବାପାଙ୍କ କୋଳଟି

ମନେ ହୁଏ ସୁଖ ତୀର୍ଥ
ଝିଅର ଅବୁଝାପଣର ସଜବାଜରେ ନିରନ୍ତର ।

ଗହନ ତାତିର ଜୀବନ ହୁଏ
ଶ୍ୟାମଳ ଗର୍ଭା
ତା ମନ ଖୋଲିଲେ,
ହସିଦେଲେ ସେ
ଆଶାର ମୁକ୍ତା ଝରେ,
ଭାସିବୁଲେ ଭାବର ମେଘଖଣ୍ଡ,
ଘନୀଭୂତ ହୁଏ ପୁଣି ସ୍ୱପ୍ନ
ବର୍ଷ ମାସ ଦିନ ଦଣ୍ଡ ।

ନଈ ପୋଖରୀ ବାଟଘାଟ
ଜୀବନ ସଉଦା ହାଟ
ମୁକୁଳେ ବନ୍ଦୀର ଦଂଶନରୁ,
ତା ଗୀତର ଗଜଲରେ
ମହୁ ଝରୁଥାଏ ତମସା ଜର୍ଜର ଓଠରୁ ।

ମୌସୁମୀ ମନୋଇ ଝିଅ ବୋଲି ତ
ଏ ସଂସାର ଚମକୁଥାଏ
ଯେମିତିକି ସରଗର ପାରିଜାତ ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

## ଶେଷ ଅଭିସାର

ଗୀତା ଷଡ଼ଙ୍ଗୀ

ପ୍ରିୟବର !
ବ୍ୟର୍ଥ ସବୁ ମୋର ଯେତେ
ରାତି ରାତି ଅନିଦ୍ରାର ଅଭିସାର
ତମେ ତ ନଟ ନାଗର
ବାଙ୍କ ଅଧରରେ ମୂରଲୀ ବଜାଇ
ହସୁଥାଅ ହୋଇ ନିର୍ବିକାର ।
ନଈ ଆରକୂଳେ ଅଧା ଛାଇ
ଆଲୁଅରେ
ଦୃଶ୍ୟ ହେଉଥାଏ ତମର ସେ
ତ୍ରିଭଙ୍ଗୀ ଠାଣୀର ନୀଳ ନୀରଦ ମୂର୍ତ୍ତି
ତନ୍ଦ୍ରାଚ୍ଛନ୍ନ ଆଖିରେ ନିରେଖି ନିରେଖି
ସାରା ରାତି ଯାଏ ମୋର ବିତି ।
ଶେଷ ଇଚ୍ଛା ମୋର
ରକ୍ଷା କରିବ ହେ ନଟବର !
ବାସରର ଫୁଲଶଯ୍ୟା ନହେଲା ନାହିଁ
ମରଣର ମଧୁଶଯ୍ୟା
ରଚିବାକୁ ଚାହେଁ ମୁହିଁ
ଏ ନଈ କୂଳରେ,

ତମେ ତ ମୋ ଜୀବନର
ଏକମାତ୍ର ପ୍ରେମିକ ପୁରୁଷ
ତମ ସାଥେ ମୋର
ନିତ୍ୟ ଆତ୍ମାର ରମଣ ।
ତମେହିଁ ଏକମାତ୍ର କେବଳ
ମୋ ପ୍ରେମ, ପ୍ରଣୟର ସାକ୍ଷୀ

ମୋ ବିରହ, ବେଦନାର ସାକ୍ଷୀ
ମହାଶୂନ୍ୟରେ ଆତ୍ମା ମୋର
ମିଳେଇଯିବା ପୂର୍ବରୁ
ଥରଟିଏ ଆସି ପୂର୍ଣ୍ଣ କରିବ
ମୋ ଜୀବନର ଶେଷ ଅଭିସାର ।



## ଅମୃତ ପରଶ

ଅମ୍ବିକା ସ୍ୱାଇଁ

ଅନୁଭବର ଆକର୍ଷଣରେ
ସଦା ମୁଁ ଜୁଡୁବୁଡୁ
ମୋ ଶବ୍ଦର ଚାଙ୍ଗୁଡିରେ
ତୋଳିବାକୁ ମୋ ଛନ୍ଦମୟ ଜୀବନର
କାହାଣୀ ସବୁକୁ..... ! !

ଦୁଃଖ, ସୁଖ ଆନନ୍ଦ, ନିରାନନ୍ଦ
ପ୍ରାପ୍ତି ଅପ୍ରାପ୍ତିର
ଆଶା ଆଉ ଆଶା ଶୂନ୍ୟ ଜୀବନର
ଅଧୁରା ସ୍ୱପ୍ନ ସବୁକୁ ସାଉଁଟିବାକୁ
ପ୍ରତିକ୍ଷଣେ ପ୍ରତିମୁହୂର୍ତ୍ତରେ..... ! !

ସର୍ବଦା ଏ ମୋହ ମାୟାର
ଅଥଳ ସାଗର ଭିତରୁ ଖୋଜିବୁଲେ
ପ୍ରେମମୟ ଅମୃତମୟ ପରଶର
ଶାନ୍ତିର ପସରା ଟିକୁ....
ହେଲେ ଶାନ୍ତି କଣ
ହାତ ପାହାନ୍ତାରେ ଧରା ଦିଏ ?
ଧରିବା ଆଗରୁ ସେ ଦୌଡ଼ି ପଳାଏ
କାହିଁ କେତେ ଦୂର..... ! !

ନିଜ ମନକୁ ଆୟତ୍ତରେ ରଖି
କର୍ମମୟ ଜୀବନର ଧାଁ ଧଉଡ଼ରେ
ଆଗକୁ ପାଦ ବଢ଼ାଏ
ନିଜ ଭିତରେ ଖୋଜୁଥାଏ
ଶାନ୍ତିମୟ ସେ ଅମୃତ ପସରା ଟିକୁ
ଅନୁଭବର ଆକର୍ଷଣରେ ଛନ୍ଦି ହୋଇ
ରାତିଦିନ ଆକୁଣ୍ଠ ପାନ କରୁଥାଏ
ସେହି ଅନୁଭବର ବିନ୍ଦୁ ବିନ୍ଦୁ
ଅମୃତ ପରଶ କୁ... ! ! !

ଭୁବନେଶ୍ୱର,
ମୋ-୯୭୭୭୫୯୯୬୯୫



## ଆର୍ଯ୍ୟପୁତ୍ର

ରଶ୍ମିରେଖା ବେହେରା

ଉଠିଆସ ତୁମେ,
ଆହେ, ଆର୍ଯ୍ୟପୁତ୍ର !
ମାଟିତଳୁ ସେ ପୁରାତନ ସେହି ହତଶିରୀ ଭଗ୍ନ ସଭ୍ୟତାକୁ ଖୋଳିଦେଇ
ତୁମେ ନିଜେ ନିଜକୁ ଏବେ ତୋଳିଧର ।

ସୁପ୍ତ ଆଗ୍ନେୟଗିରିର କୁଢ଼କୁଢ଼ ପାଉଁଶତଳୁ ଦେଖାଅ ତୁମ ଫେରିବାର ପାଦ ଚିହ୍ନ ।
କାହା ଇଙ୍ଗିତରେ ତୁମେ ହୋଇଥିଲ ସମାଧିସ୍ଥ ?
ଏକ ବିପର୍ଯ୍ୟସ୍ତ ପରିବେଶର ଦାଉରେ, ଅବା
ନିଜ ସଂଯମତା ଓ
ନୈତିକତାର ଦୂରଦୃଷ୍ଟିର ଆଢୁଆଳରେ ?
କାଳର ନିର୍ମମତାରେ ନିଃଶେଷ ଅବା ତୁମେ
ସମୟର କଣ୍ଟକିତ ଶେଜରେ ନିଶ୍ଚିହ୍ନ... ?
ଆହେ ଆର୍ଯ୍ୟପୁତ୍ର !
ଧୂଷର ପୃଥିବୀର ଚାଦର ତଳୁ ଏବେ ତୁମେ ଉଠିଆସ ।

ଆହେ ଆର୍ଯ୍ୟପୁତ୍ର !
ହେଇ ଦେଖ, ଶୁଭୁଛି, ନବସୃଜନର ଗହଗହ ଶଙ୍ଖନାଦ ।
ନିଜ ଶୀର୍ଣ୍ଣ କଙ୍କାଳରେ ନିଜେ ଫୁଙ୍କିଦିଅ ପ୍ରଗତିର ମହାମନ୍ତ୍ର ।
ଦେହ ଆଉ ଧମନୀରେ ସଞ୍ଚରି ଯାଉ ଗୋଟେ ମହାନ୍ ଜାତିର ଉଷ୍ମ ଲାଲ୍ ରକ୍ତ ।

ବହଳ ଅନ୍ଧାରକୁ ଚିରିଦେଇ ମେରୁଦଣ୍ଡକୁ ସଳଖି ପୁଣି ଠିଆହୁଅ
ଆହେ, ଆର୍ଯ୍ୟପୁତ୍ର !
ତୁମେ ତୁମ କୋଷ କୋଷିକାରେ ଭରିଦିଅ
ପୁନଃ ଏକ ଜୀବନ୍ତ ସଭ୍ୟତାର ଅମ୍ଳଜାନ ।
ଉଠିଆସ ଆର୍ଯ୍ୟପୁତ୍ର... !

ହଜି ଯାଇଥିବା ଗୋଟେ ଅଣଲେଉଟା ଇତିହାସ ପୃଷ୍ଠାରୁ ଉଭୁରି ପଡ଼ ଆପଣା ଛାଏଁ ।
ଏ ଜାତିର ଆଦ୍ୟ ବର୍ଣ୍ଣବୋଧରେ ସ୍ପଷ୍ଟ ଉଚ୍ଚାରଣ ହେବ ପୁଣି ଅମୃତର ସ୍ୱର ।
ସେଠି ଆଉ ନଶୁଭୁ....
ଶବ୍ଦର ପ୍ରହେଳିକା ।
ପଢ଼ିନିଅ ତୁମେ ତୁମ ରକ୍ତରେ ଲେଖିଥିବା ପ୍ରେମର ସେହି ଶେଷ ଅକ୍ଷର
ସେଇଠୁଁ ଆରମ୍ଭ ହେଉ ଓଁକାର ।
ସେହି ଧ୍ୱଂସମୟୀ ବିଭୀଷିକାର କବର ଖୋଲିଦିଅ ।
ମୁକୁଳି ଆସ ଆପଣାଛାଏଁ
ଆହେ ଆର୍ଯ୍ୟପୁତ୍ର !
ଅନନ୍ତ ଯୁଗର ଭୋଗିଥିବା ଅନୁଭବକୁ ତୋଳିନେଇ,
ତୁମ ଜଡ଼ବତ୍ ଶରୀରକୁ ପଞ୍ଚାମୃତରେ ହକାଳିଦେଇ
ତୁମେ ଆଉଥରେ ନିଃଶ୍ୱାସ ନିଅ ।
ପୁଣ୍ୟର ନଦୀତୀରେ କଅଁଳ ଆଲୁଅରେ ଆସ ।
ଆହେ ଆର୍ଯ୍ୟପୁତ୍ର !
ଅତୃପ୍ତ ପ୍ରାଣରେ ଖେଳିଯାଉ ଅଶାର ଝଙ୍କାର ।
ପ୍ରତିଟି ହୃଦୟ ତନ୍ତ୍ରୀରେ ଉତ୍ତାଳ ଲହରୀ
ଭରିଦେଉ ପ୍ରେମର ସ୍ନିଗ୍ଧ ସ୍ପର୍ଶ ।
ନିଜର ଅଭିଶପ୍ତ କାୟାର ଖୋଳରୁ ମୁକ୍ତହୁଅ,
ଆହେ ଆର୍ଯ୍ୟପୁତ୍ର !
କାଳର କିମ୍ବଦନ୍ତୀ ପୃଷ୍ଠାରୁ ଓହ୍ଲେଇ ଆସ ।
ମନ୍ତ୍ରାସିକ୍ତ ଏବେ ମାଟି ଆଉ ଆକାଶ ।
ପୁଣ୍ୟ ଗନ୍ଧରେ ସ୍ନାନ କରୁଛି ଦଶଦିଗ ।
ହୃଦୟର ପୂଜା ବେଦୀରେ ମୁଖରିତ ବସନ୍ତ ଏବେ ।
ଏଠି ଗୋବର ପାଣିରେ ଲିପା ହୋଇଛି ଘର,ଦ୍ୱାର, ଖଳା, ବାରି,ଅଗଣା ଆଉ ଦାଣ୍ଡ ।
ଆହେ ଆର୍ଯ୍ୟପୁତ୍ର !
ଆତ୍ମଶୁଦ୍ଧି, ଆତ୍ମବଳ, ଆତ୍ମଶକ୍ତି ବଳରେ
ସାଜିଯାଅ ଯୁଗ ପ୍ରବର୍ତ୍ତକ
ନିଦ୍ରା କର ପରିହାର ।
ରେ, ଆର୍ଯ୍ୟପୁତ୍ର !
ନିଦ୍ରା କର ପରିହାର ।



ମୈତ୍ରୀ ବିହାର
ଭୁବନେଶ୍ୱର

## ଶବ୍ଦର ପରୀମାନେ

ଲକ୍ଷ୍ମୀପ୍ରିୟା ଓଝା

ଶବ୍ଦର ପରୀମାନେ ଇନ୍ଦ୍ରଧନୁର ରଙ୍ଗନେଇ କଳରବ କରି
କାହାର ତେର୍ଚ୍ଛା ନଜରକୁ ଭୃକ୍ଷେପ ନକରି
କାନି ଛାଡ଼ି ଦର୍ପରେ ଯେବେ ଚଢ଼ି ଯାଆନ୍ତି ମଞ୍ଚକୁ
ଧକ କିନା ହୁଏ କିଛିଲୋକଙ୍କ ଛାତି ।

ବାମ ହାତରେ ପେଗ, ଡାହାଣ ହାତରେ ସିଗାରେଟ୍ ଧରି
ପରୀମାନଙ୍କ ଆଭୂଷଣ, ଭାଷଣ, ସମ୍ଭାଷଣକୁ ନେଇ ଖୁବ୍ ଚର୍ଚ୍ଚା ହୁଏ,
ସାହିତ୍ୟ ସଭାରୁ ସେମାନଙ୍କୁ ବ୍ୟାନ କରିବାକୁ
ଏଜେଣ୍ଡା ବି ପ୍ରସ୍ତୁତ ହୁଏ ସୋସିଆଲ ମିଡ଼ିଆରେ ।

ସେମାନଙ୍କ କଥାକୁ ଧୂଆଁ ପରି ଉଡେଇ
ଶବ୍ଦର ଚଢେଇମାନେ
ବମ୍ବେ, ଦିଲ୍ଲୀ, ବାଙ୍ଗାଲୋର, ହାଇଦ୍ରାବାଦରୁ ଉଡ଼ି ଆସି
ରାଜଧାନୀ ଛାତିରେ
ସଫଳ ସାହିତ୍ୟ ସଭାଟିଏ କରି
ଯେବେ ଫୁର୍ କିନା ଉଡ଼ି ଯାଆନ୍ତି
ନିଜ ନିଜ କର୍ମ ଜଞ୍ଜାଳକୁ
ସେବେ ରୁଗ ରୁଗ୍ ହୁଏ ସେମାନଙ୍କ ଛାତି ।

ଶବ୍ଦର ତାରାମାନେ ମେଳି ବାନ୍ଧି ସାରା ଆକାଶରେ ଯେବେ ଓଡ଼ିଶାର ସାହିତ୍ୟ,
ସଭ୍ୟତା, ସଂସ୍କୃତିକୁ ଚିହ୍ନାଉଥାନ୍ତି
ବହୁଭାଷୀ କବିତା ମଞ୍ଚରେ,
ସେଇ ମଞ୍ଚରେ ଅତିଥି ହେବାକୁ
କାକୁସ୍ଥ ଇଚ୍ଛାଟିଏ ପାଳୁଥାଆନ୍ତି
ସାହିତ୍ୟର ସେଇ ବଡ ପଣ୍ଡାମାନେ
ଶୁଭେଚ୍ଛା ବାର୍ତ୍ତା ଦି ପଦ ସୋସିଆଲ ମିଡ଼ିଆରେ ଲେଖି ।

ଭୁବନେଶ୍ୱର
ଫୋନ ୭୪୯୦୯୯୬୮୬୫

## ନୀରବ ଦହନ

ସୁଜାତା ଷଡ଼ଙ୍ଗୀ

ଫେରିବାର ଅଛି ପୁଣି ମୋତେ
ଅନେକ ଦିନ, ମାସ ଆଉ ବର୍ଷ ପରେ
ଖରା, ବର୍ଷା, ବସନ୍ତର ପଣତକୁ ଧରି
ବିଚ୍ଛେଦର ଘାଟ ଡେଇଁ ଡେଇଁ
ପହଁଞ୍ଚିବି ତୁମରି ପାଖରେ
ଥରୁଟିଏ ମୋତେ ଫେରିବାକୁ ହେବ
ମୁଠାଏ ସଂଭାବନା ଆଉ ଭରସାକୁ ନେଇ
ପହଞ୍ଚିଯିବି ସଅଳ ତୁମରି ପାଖରେ
ବିନା ସାଲିସରେ ପୁଣି ଥରେ
ମାଗିବି ମୋ' ହଜିଲା ବସନ୍ତ;
ମାଗିବି ମୋ' ଉଜୁଡା ଅସ୍ତିତ୍ୱ ।

ତୁମେ ଯେତେ ବଦଳିଥିଲେ ବି
ଚିହ୍ନିଦେଇ ପାରିବି ତୁମକୁ
କଥାକୁହା ଆଖି ଦୁଇଟିରୁ
ସଂଚିତ ବେଦନାର ଜଳନ୍ତା ଜୁଇକୁ
ଦେଖିପାରିବି, ପଢ଼ିପାରିବି
କମନୀୟ ଓଠ ପାଖୁଡ଼ାରୁ
ଲିଭି ଲିଭି ଆସୁଥିବା
ଅଲିଭା କବିତା ତୁମ ।

ସେତେବେଳେ ପାଖରେ ମୋ' କିଛି ବି ନଥିବ
ବିଶ୍ୱସ୍ତ ସମୟ ହିଁ ବଦଳାଇ ଦେଇଥିବ
ଭରସାର ଶେଷ ରାସ୍ତାର ନକ୍ସା
ଥିବ ଖାଲି ଶୂନ୍ୟତାର ମୁଠାଏ ପାଉଁଶ;
ପାପୁଲି ଦୁଇରେ ଅପାସୋରା
ଆଞ୍ଜୁଳାଏ ଶେଷ ଅବସୋସ
ହୃଦୟର ନିଭୃତ କୋଣରେ
ଲୁଚକାଳି ଖେଳୁଥିବ
କିଛି ହସ, ଟୋପେ ଲୁହ ତୁମ ପାଇଁ
ବାଛି ବାଛି ଲେଖିବି କବିତା କେତେ
ସଜାଇବି ପ୍ରେମ-ଶବ୍ଦେ ମୟୂର ଚନ୍ଦ୍ରିକା
ସ୍ମୃତିଭିଜା କପାଳରେ ତୁମ ।

ନଥିବ ଆଉ ସେଇ କଦମ୍ବ ବଣର ଭ୍ରମ
ଶୁଭୁ ନଥିବ ତୁମ ବଇଁଶୀର ସ୍ୱନ
ଶୂନ୍ୟତାରେ ଭରିଥିବ ନୀରବ ଦହନ
କିଛି ନଥିବାପଣରେ ଭୁଷୁଡି ପଡୁଥିବ
ମୋ' ଅଧାଗଢା ବାଲିଘର
ଶିଥିଳ ହୋଇପଡୁଥିବ ସକଳ ସ୍ପନ୍ଦନ
ଯନ୍ତ୍ରଣାର ହିମ ସ୍ପର୍ଶ ଦେଇ ।



ଅଭିପ୍ସା କଟେଜ୍
ପଟ୍ଟନାୟକ ଲେନ୍ -୧
ଚକର ବିଷୋୟୀ ଛକ, ଭଞ୍ଜନଗର
ପିନ୍ - ୭୬୧୧୨୬

## ବାପା

ସୁଷମା ପରିଜା

ବାପା ଗୋଟେ ଝଙ୍କା ବରଗଛ
ସେ ଗଛର ଛାଇ ତଳେ
ନିର୍ଭୟରେ ବଢୁଥାଏ ଅନେକ ସଂସାର
ପୂର୍ବ ପୁରୁଷଙ୍କଠୁ ଉତ୍ତର ପୁରୁଷଙ୍କ ଯାଏଁ
ସଭିଏଁ ନିର୍ଭୟ ସେଇ ଝଙ୍କା ଗଛ ତଳେ ॥
ବାପା ଗୋଟେ ପରଶମଣି
ଯାହାଙ୍କ ଛୁଆଁରେ ଭରିଯାଏ ଦମ୍ଭ
ଥରଥର ଛେଳି କଳିଜାରେ
ପର୍ବତବି ଲଙ୍ଘି ହୋଇଯାଏ, ଖାଲି ଗୋଟେ ଶୂନ୍ୟ
ହୁଙ୍କାରରେ ।।
ବାପା ଗୋଟେ ବଡ଼ ଯାଦୁକର
ଯାହାଙ୍କ କାନ୍ଧର ନାଲି ଗାମୁଛାରେ
ଅଛି କୋଟିଏ ଐନ୍ଦ୍ରଜାଲିକର ଶକ୍ତି
ସେଥିରେ ଥରୁଟିଏ ମୁହଁ ପୋଛି ଦେଲେ
ସବୁ ଦୁଃଖ ସବୁ କଷ୍ଟ ନିମିଷକେ ହରି ନିଏ ॥
ବାପା ଗୋଟେ ଅଦୃଶ୍ୟ ଚୁମ୍ବକ
ଯିଏ ଆପେ ଆପେ ଟାଣି ନେଉଥାଏ
ତାଙ୍କ ଆଡକୁ, ତାଙ୍କରି ପଛେ ପଛେ
ଚାଲିବାକୁ ତାଙ୍କ ଆଢୁଆଳରେ
ନିର୍ବିକାର ଭାବରେ ସାରା ଜୀବନ ॥
ଆଃ.. ବାପା ନଥିବା ଘରଟା ଖୁବ୍ ତତଲା
ସତେ ଯେମିତି ଧୁ..ଧୁ.. ଖରାବେଳ
ସେଠି ରାହା ନାହିଁ ..ସାହା ନାହିଁ..
ଛତା ନାହିଁ କି ବତା ନାହିଁ....
ବିନା ଛପରର ଗୋଟେ ଅସ୍ତବ୍ୟସ୍ତ ଚାଳ ! !



# ଶେଫାଳି ବର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ
## ବାଂଲାଦେଶକୁ ୫ ଉଇକେଟ ହରାଇଲା ଭାରତ

**ମାଞ୍ଚେଷ୍ଟର**



ଶେଫାଳି ବର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଗୁରୁବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ମହିଳା ଟି୨୦ ବିଶ୍ୱକପ୍ ମ୍ୟାଚ୍‌କୁ ଭାରତ ୫ ଉଇକେଟରେ ଜିତି ନେଇଛି । ବାଂଲାଦେଶ ପକ୍ଷରୁ ଧାର୍ଯ୍ୟ ୧୩୭ ରନର ଟାର୍ଗେଟକୁ ଭାରତ ୧୭.୫ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା । ଏହି ବିଜୟ ଯୋଗୁ ଭାରତ ୪ ମ୍ୟାଚରେ ତୃତୀୟ ବିଜୟ ଓ ୬ ପଏଣ୍ଟ ସହ ଗ୍ରୁପ-ଏ'ରେ ଦ୍ୱିତୀୟ ସ୍ଥାନରେ ରହିଛି । ଭାରତକୁ ସେମିଫାଇନାଲକୁ ଉନ୍ନୀତ ହେବା ପାଇଁ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ହରାଇବାକୁ ପଡ଼ିବ ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୩୭ ରନ କରିଥିଲା । ଏହା ମହିଳା ଟି୨୦ ବିଶ୍ୱକପ ଇତିହାସରେ ବାଂଲାଦେଶ ପାଇଁ ସର୍ବାଧିକ ଦଳଗତ ସ୍କୋର । ଦଳ ପାଇଁ ଜୁଏରିଆ ଫିରଦୌସ ୩୩ (୫ ଚୌକା), ଅଧିନାୟିକା ନିଗର ସୁଲତାନା ୩୨ (୪ ଚୌକା) ଓ ସୋଭନା ମୋଷ୍ଟାରି ୨୨ (୨ ଚୌକା) ରନ କରିଥିଲେ ।

ଭାରତ ପକ୍ଷରୁ ରାଧା ଯାଦବ ୩ ଓ ଶ୍ରୀ ଚରଣୀ ୨ ଉଇକେଟ ନେଇଥିଲେ । ଜବାବରେ ଭାରତ ୧୭.୫ ଓଭରରେ ୫ ଉଇକେଟ ହରାଇ ୧୩୯ ରନ କରିଥିଲା । ଦଳ ପକ୍ଷରୁ ଶେଫାଳି ୩୪ ବଲରେ ବିସ୍ଫୋରକ ୫୩ (୮ ଚୌକା ଓ ୧ ଛକା), ଜେମିମା ରୋଡ୍ରିଗ୍ସ ୧୫ ବଲରେ ୨୬ (୩ ଚୌକା ଓ ୧ ଛକା) ଓ ଯଷ୍ଟିକା ଭାଟିଆ ୨୩ (୩ ଚୌକା) ରନ କରିଥିଲେ ।

**ଆଜି ଭାରତ-ଆୟରଲ୍ୟାଣ୍ଡ ଟି-୨୦ : ବୈଭବ ଇନ୍ ଅଭିଷେକ ଆଉଟ୍**

# ପ୍ରଥମ ଟି-୨୦ ପାଇଁ ଭାରତର ସମ୍ଭାବ୍ୟ ପ୍ଲେଇଂ ଇଲେଭେନ

**ନୂଆଦିଲ୍ଲୀ**

ଭାରତୀୟ ଦଳ ପାଇଁ ଆୟରଲ୍ୟାଣ୍ଡ ଗସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମସ୍ତଙ୍କ ନଜର ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ, ଯିଏ ଡେବ୍ୟୁ କରିବାକୁ ଯାଉଛନ୍ତି । ଏହି ସମୟରେ, ଶ୍ରେୟସ ଆୟର ସୂର୍ଯ୍ୟକୁମାର ଯାଦବଙ୍କ ଠାରୁ ଟି-୨୦ ଦଳର ଅଧିନାୟକ ଦାୟିତ୍ୱ ଗ୍ରହଣ କରିବେ । ଦୁଇ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହେବାକୁ ଯାଉଛି । ବୈଭବ ସୂର୍ଯ୍ୟବଂଶୀଙ୍କୁ ଦଳରେ ସାମିଲ କରିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ; ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଚମତ୍କାର ପ୍ରଦର୍ଶନ କରିବା ପରେ, ସେ ଶ୍ରୀଲଙ୍କାରେ ତ୍ରି-ସିରିଜରେ ବିପର୍ଯ୍ୟୟ ସୃଷ୍ଟି କରିଥିଲେ ।

ଶ୍ରୀଲଙ୍କା ଏ ବିପକ୍ଷ ତ୍ରି-ସିରିଜ ଫାଇନାଲରେ ବୈଭବ ମାତ୍ର ୨୯ ବଲରେ ୯୪ ରନ କରି ଏକ ସନସନେ ସୃଷ୍ଟି କରିଥିଲେ । ଏହି ପ୍ରଦର୍ଶନ ତାଙ୍କ ଡେବ୍ୟୁ ସମ୍ପର୍କରେ ଆଶାକୁ ଆହୁରି ବୃଦ୍ଧି କରିଛି । ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ପାଇବାକୁ ପ୍ରଶଂସକମାନେ ଉତ୍ସାହିତ ଥିଲେ ମଧ, ତାଙ୍କୁ ସ୍ଥାନ ଦେବା ଦଳ ପାଇଁ



ସହଜ ହେବ ନାହିଁ । ଭାରତର ତିନି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ– ସଞ୍ଜୁ ସାମସନ, ଅଭିଷେକ ଶର୍ମା ଏବଂ ଇଶାନ କିଶାନ – ସମସ୍ତେ ଦୃଢ଼ ରେକର୍ଡ ରଖିଛନ୍ତି । ଉଲ୍ଲେଖନୀୟ କଥା ହେଉଛି, ସାମସନ, ଅଭିଷେକ ଏବଂ କିଶନ ସମସ୍ତେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟି-୨୦ ବିଶ୍ୱକପ ଫାଇନାଲରେ ଅର୍ଦ୍ଧଶତକ ହାସଲ କରିଥିଲେ । ସେବେଠାରୁ ଭାରତ କୌଣସି ଟି-୨୦ ମ୍ୟାଚ୍ ଖେଳିନାହିଁ ।

ଯଦି ସୂର୍ଯ୍ୟବଂଶୀଙ୍କୁ ଓପନର ଭାବରେ ନିୟୋଜିତ କରାଯାଏ, ତେବେ ସାମସନ କିମ୍ବା ଅଭିଷେକଙ୍କୁ ତଳ କ୍ରମରେ ବ୍ୟାଟିଂ କରିବାକୁ ପଡ଼ିବ କିମ୍ବା ବାହାରେ ବସିବାକୁ ପଡ଼ିବ – ଏହା ପ୍ରଶିକ୍ଷକ ଏବଂ ଅଧିନାୟକଙ୍କ ପାଇଁ ଏକ କଷ୍ଟକର ନିଷ୍ପତ୍ତି । ସାମସନଙ୍କୁ ମଧ୍ୟକ୍ରମକୁ ସ୍ଥାନାନ୍ତରିତ କରାଯାଇପାରେ, ପୂର୍ବରୁ ଚତୁର୍ଥ କିମ୍ବା ପାଞ୍ଚ ନମ୍ବରରେ ବ୍ୟାଟିଂ କରିଥିଲେ । ଏହା କେବଳ ଆୟର ଏବଂ ତିଲକ ବର୍ମାଙ୍କ ପାଇଁ ଷଷ୍ଠ ନମ୍ବର ସ୍ଥାନ ଛାଡ଼ିବ – ଏକ ସ୍ଥାନ ଯାହା ସାଧାରଣତଃ ଜଣେ ଅଲରାଉଣ୍ଡରଙ୍କ ପାଇଁ ସଂରକ୍ଷିତ । ଭାରତ ପାଖରେ ଏହି ଭୂମିକା ପାଇଁ ଶିବମ ଦୁବେ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ ଏବଂ ସୂର୍ଯ୍ୟାଂଶ ଶେଡ୍‌ଗେଙ୍କ ପରି ବିକଳ୍ପ ଅଛି ।

ସାମସନଙ୍କୁ ଷଷ୍ଠ ନମ୍ବରରେ ଖେଳାଇବା ଦ୍ୱାରା ଭାରତ କେବଳ ପାଞ୍ଚ ଜଣ ବୋଲରଙ୍କୁ କ୍ଷେତ୍ରରକ୍ଷଣ କରିବାକୁ ବାଧ କରିବ । ବୁମ୍‌ରାହ, ସିରାଜ ଏବଂ ବରୁଣ ଚକ୍ରବର୍ତ୍ତୀଙ୍କ ଅନୁପସ୍ଥିତି ଯୋଗୁ ବୋଲିଂ ଆକ୍ରମଣ ପୂର୍ବରୁ ଦୁର୍ବଳ ହୋଇଯାଇଛି । ଜଣେ ଓପନର ଭାବରେ, ସାମସନ ୨୮ ଇନିଂସରେ ତିନୋଟି ଶତକ ଏବଂ ଚାରୋଟି ଅର୍ଦ୍ଧଶତକ ସହିତ ୯୨୬ ରନ କରିଛନ୍ତି, ଯାହାର ଷ୍ଟ୍ରାଇକ ହାର ୧୮୧.୯୩ । ବିପରୀତରେ, ତୃତୀୟ, ଚତୁର୍ଥ ଏବଂ ପାଞ୍ଚ ନମ୍ବରରେ ତାଙ୍କର ଷ୍ଟ୍ରାଇକ ରେଟ ଯଥାକ୍ରମେ ୧୨୧, ୧୨୯ ଏବଂ ୧୨୭ । ବିଶ୍ୱର ଏକ ନମ୍ବର ଟି-୨୦ ଅନ୍ତର୍ଜାତୀୟ ବ୍ୟାଟ୍ସମ୍ୟାନ ଅଭିଷେକ ଓପନର ଭାବରେ ୪୩ ଇନିଂସରେ ଦୁଇଟି ଶତକ ଏବଂ ଦଶଟି ଅର୍ଦ୍ଧଶତକ ସହିତ ୧୪୧୪ ରନ କରିଛନ୍ତି । ତାଙ୍କର ଷ୍ଟ୍ରାଇକ ରେଟ ୧୯୨.୩୮ ପ୍ରଭାବଶାଳୀ ।

ଏକାଦଶ ଖେଳୁଥିବା ଭାରତର ସମ୍ଭାବ୍ୟ ଟିମ୍: ବୈଭବ ସୂର୍ଯ୍ୟବଂଶୀ, ସଞ୍ଜୁ ସାମସନ, ଇଶାନ କିଶାନ, ଶ୍ରେୟସ ଆୟର, ତିଲକ ବର୍ମା, ଶିବମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ହର୍ଷିତ ରାଣା, ଅର୍ଶଦୀପ ସିଂ, ରବି ବିଷ୍ଣୋଇ, ପ୍ରସିଦ୍ଧ କୃଷ୍ଣ ।

# ଅଖିଳ ନେପାଳ ଫୁଟବଲ ସଂଘକୁ ସସ୍‌ପେଣ୍ଡ କଲା ଫିଫା



**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ ଫୁଟବଲ୍ ମହାସଂଘ ବା ଫିଫା ଅଖିଳ ନେପାଳ ଫୁଟବଲ୍ ସଂଘ (ଏଏନଏଫଏ)କୁ ତତ୍କାଳ ପ୍ରଭାବରୁ ନିଲମ୍ବିତ କରିଛି । ଫିଫାର ଏହି ନିଷ୍ପତ୍ତି ନେପାଳରେ ଫୁଟବଲ୍ ଖେଳ ଏବଂ ସେଠାକାର ଖେଳାଳିଙ୍କ ପାଇଁ ଏକ ବଡ଼ ଝଟ୍‌କା ବୋଲି ବିବେଚନା କରାଯାଉଛି । ଫିଫା ଦ୍ୱାରା ଜାରି କରାଯାଇଥିବା ଆଧିକାରୀକ ବୟାନ ଅନୁଯାୟୀ, କାଉନସିଲ୍‌ର ବ୍ୟୁରୋ ୨୪ ଜୁନ୍ ୨୦୨୬ରେ ବୈଠକ ପରେ ଏହି କଠୋର ପଦକ୍ଷେପ ଗ୍ରହଣ କରିଛି ଏବଂ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ନେପାଳ ଉପରେ ପ୍ରତିବନ୍ଧକ ଲଗାଇଛି ।

ଫିଫାର ଏହି ନିଲମ୍ବନ ପରେ ଏବେ ନେପାଳର କୌଣସି ବି ଦଳ କିମ୍ବା ସେଠାକାର ସ୍ଥାନୀୟ କ୍ଲବ୍, ଫିଫା ଏବଂ ଏସୀୟ ଫୁଟବଲ୍ ପରିଷଦ ଦ୍ୱାରା ଆୟୋଜିତ କୌଣସି ବି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇପାରିବେ ନାହିଁ । ଏହା ବ୍ୟତୀତ ଏହି ପ୍ରତିବନ୍ଧକର ପ୍ରଭାବ ନେପାଳରେ ତୃଣମୂଳ ସ୍ତରରେ ହେଉଥିବା ଫୁଟବଲ୍‌ର ବିକାଶ ଉପରେ ମଧ ପଡ଼ିବ । ବର୍ତ୍ତମାନ ଆନଫା (ଏଏନଏଫଏ) ଏହାର ସଦସ୍ୟ ଏବଂ ଅଧିକାରୀମାନଙ୍କୁ ଫିଫା କିମ୍ବା ଏଏଫସି ତରଫରୁ ମିଳୁଥିବା ଡେଭଲପମେଣ୍ଟ ପ୍ରୋଗ୍ରାମ, ଟ୍ରେନିଂ ସେସନ ଏବଂ ଶୈକ୍ଷିକ କୋର୍ସର କୌଣସି ଲାଭ ମିଳିପାରିବ ନାହିଁ ।

ଏହି କଠୋର ପ୍ରତିବନ୍ଧକର ରୂପରେଖକୁ ସ୍ପଷ୍ଟ କରି ଫିଫା ନିଜର ଆଧିକାରୀକ ବୟାନରେ କହିଛି, '୨୪ ଜୁନ୍ ୨୦୨୬ଠାରୁ ପ୍ରଭାବୀ ରୂପେ, ଆନଫା (ଏଏନଏଫଏ) ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଫିଫା ସମ୍ବିଧାନର ଅନୁଚ୍ଛେଦ ୧୩ ଅନୁଯାୟୀ ମିଳୁଥିବା ତାହାର ସମସ୍ତ ସଦସ୍ୟତା ଅଧିକାର ହରାଇଛି । ତେଣୁ ଯେ ପର୍ଯ୍ୟନ୍ତ ଏହି ନିଲମ୍ବନ ପ୍ରତ୍ୟାହାର କରାଯାଇ ନାହିଁ, ସେ ପର୍ଯ୍ୟନ୍ତ ଆନଫାର ପ୍ରତିନିଧି ଏବଂ କ୍ଲବ୍ ଦଳଗୁଡ଼ିକ କୌଣସି ବି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ହକଦାର ନୁହନ୍ତି । ଏହା ବ୍ୟତୀତ ଆମେ ଫିଫା ଏବଂ ଏଏଫସି ସହ ଜଡ଼ିତ ଅନ୍ୟ ଦେଶ ଓ ସଂଘଗୁଡ଼ିକୁ ମଧ ମନେ ପକାଇଦେବାକୁ ଚାହୁଁ ଯେ ନିଲମ୍ବନର ଏହି ଅବଧି ମଧ୍ୟରେ ସେମାନେ ଆନଫା କିମ୍ବା ସେମାନଙ୍କ ଦଳ ସହିତ କୌଣସି ପ୍ରକାରର କ୍ରୀଡ଼ା ସମ୍ପର୍କ ନ ରଖନ୍ତୁ ।'

ଏହି ନିରାଶାଜନକ ଖବର ମଧ୍ୟରେ ଯଦିଓ ନେପାଳ ଫୁଟବଲ୍ ପାଇଁ ସାମାନ୍ୟ ଆଶ୍ୱସ୍ତିର ସୁଯୋଗ ମଧ ରହିଛି । ଫିଫା ସ୍ପଷ୍ଟ କରିଛି ଯେ ଯଦି ନିଲମ୍ବନର କାରଣ ସାଜିଥିବା ପରିସ୍ଥିତି ଏବଂ ବିବାଦଗୁଡ଼ିକୁ ସମୟ ଥାଉଥାଉ ସମାଧାନ କରି ଦିଆଯାଏ, ତେବେ ପରବର୍ତ୍ତୀ ଫିଫା କଂଗ୍ରେସ ପୂର୍ବରୁ ମଧ ଏହି ପ୍ରତିବନ୍ଧକକୁ ପ୍ରତ୍ୟାହାର କରାଯାଇପାରିବ ।

ବୟାନର ଶେଷ ଭାଗରେ ଫିଫା ଏହି କଥାର ଉଲ୍ଲେଖ କରି କହିଛି, 'ବ୍ୟୁରୋ ଅଫ୍ ଦି କାଉନସିଲ୍ କିମ୍ବା ଫିଫା କାଉନସିଲ୍ ପରବର୍ତ୍ତୀ ଫିଫା କଂଗ୍ରେସ ଆୟୋଜନ ପୂର୍ବରୁ ଯେକୌଣସି ସମୟରେ ଏହି ନିଲମ୍ବନ ହଟାଇବାକୁ ନିଷ୍ପତ୍ତି ନେଇପାରନ୍ତି । ଯଦି ଭବିଷ୍ୟତରେ ଏଭଳି କୌଣସି ପରିସ୍ଥିତି ସୃଷ୍ଟି ହୁଏ କିମ୍ବା ଏହି ବ୍ୟାନ୍ ପ୍ରତ୍ୟାହାର କରାଯାଏ, ତେବେ ଆମେ ନିୟମାନୁସାରେ ଏହାର ସୂଚନା ସେୟାର କରିବୁ ।'

# ବିଶ୍ୱବିଜେତା ବିଶ୍ୱନାଥନ ଆନନ୍ଦଙ୍କୁ ଏସ୍‌ଜେଏଫ୍‌ଆଇ ପଦକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପାଞ୍ଚ ଥର ବିଶ୍ୱବିଜେତା ବିଶ୍ୱନାଥନ ଆନନ୍ଦଙ୍କୁ ବୁଧବାର ଚେନ୍ନାଇର ମାଡ୍ରାସ୍ କ୍ରିକେଟ୍ କ୍ଲବ୍‌ରେ ଆୟୋଜିତ ଏକ ଆଡ଼ମ୍ବରପୂର୍ଣ୍ଣ ସମାରୋହରେ ସମ୍ମାନଜନକ ଭାରତୀୟ କ୍ରୀଡ଼ା ସାମ୍ବାଦିକ ମହାସଂଘ (ଏସ୍‌ଜେଏଫ୍‌ଆଇ) ପଦକ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ତାମିଲନାଡୁ କ୍ରୀଡ଼ା ସାମ୍ବାଦିକ ସଂଘ (ଟିଏନ୍‌ଏସ୍‌ଜେଏ) ସହଯୋଗରେ ଆୟୋଜନ କରାଯାଇଥିଲା ।

ସଂପ୍ରତି ବିଶ୍ୱ ଚେସ୍ ମହାସଂଘ (ଫିଡେ) ଉପସଭାପତି ଭାବେ କାର୍ଯ୍ୟରତ ଆନନ୍ଦ ଏଥିସହିତ ପୂର୍ବରୁ ଏହି ପଦକ ପାଇ ସାରିଥିବା ମହାନ କ୍ରିକେଟର ସୁନୀଲ ଗାଭାସ୍କର, ଟେନିସ୍ କିଂବଦନ୍ତୀ ବିଜୟ ଅମୃତରାଜ, ବ୍ୟାଡ୍‌ମିଣ୍ଟନ୍ ତାରକା



ପ୍ରକାଶ ପାଦୁକୋନ, ଦୌଡ଼ରାଣୀ ପିଟି ଉଷା, ମହାନ ଧାବକ ସିଲଖା ସିଂହ ପ୍ରମୁଖଙ୍କ ଭଳି ବହୁ ବିଶିଷ୍ଟ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ତାଲିକାରେ ସ୍ଥାନ ପାଇଛନ୍ତି । ୫୬ ବର୍ଷୀୟ ଆନନ୍ଦଙ୍କୁ ଏହି ପଦକ ପ୍ରଦାନ କରିଥିଲେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ କୃଷ୍ଣମଚାରୀ ଶ୍ରୀକାନ୍ତ ।

ଉଲ୍ଲସିତ ଆନନ୍ଦ କହିଥିଲେ ଯେ ଭାରତରେ ଚେସ୍‌ର ବିକାଶରେ ଜଣେ ଅନୁପ୍ରେରକ ଭୂମିକା ନେଇଥିବାରୁ ମୁଁ ବେଶ୍ ଗର୍ବିତ । ଏହା ମୋର ସଫଳତା ଓ ଅବଦାନ ପ୍ରତି ସହକର୍ମୀମାନଙ୍କର ସ୍ୱୀକୃତି । ଏହି ସମ୍ମାନ ମୋ ପାଇଁ ସବୁବେଳେ ସ୍ୱତନ୍ତ୍ର ଓ ସ୍ମରଣୀୟ ହୋଇ ରହିବ । ଏହି ଅବସରରେ ଆନନ୍ଦ ପତ୍ନୀ ଅରୁଣାଙ୍କୁ ମଧ ଧନ୍ୟବାଦ ଜଣାଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ହକି ତାରକା ଭି. ଭାସ୍କରନ୍ ଏବଂ ବରିଷ୍ଠ ସାମ୍ବାଦିକ ଆର. ମୋହନ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ । ଭାସ୍କରନ ଏସ୍‌ଜେଏଫ୍‌ଆଇର କ୍ରୀଡ଼ା ପ୍ରୋତ୍ସାହନ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ । ଏସ୍‌ଜେଏଫ୍‌ଆଇ ସଭାପତି ସରଜୁ ଚକ୍ରବର୍ତ୍ତୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂପାଦକ ଭି. ରମେଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଗ୍ରାଣ୍ଡମାଷ୍ଟର କେ. ଶଶିକିରଣ, ଶ୍ୟାମ ସୁନ୍ଦରଙ୍କ, ଆଇଏମ୍ ମାନୁଏଲ୍ ଆରୋନ, ଭି ସର୍ବାନନ୍ ଏବଂ ପୂର୍ବତନ ଭାରତୀୟ ହକି ଖେଳାଳି ମହମ୍ମଦ ରିୟାଜଙ୍କ ସମେତ ଅନେକ ବିଶିଷ୍ଟ କ୍ରୀଡ଼ା ବ୍ୟକ୍ତିତ୍ୱ ଉପସ୍ଥିତ ଥିଲେ ।

# ମେକ୍ସିକୋର ବିଜୟ ଜାରି : ଚେକ୍ ବିଦା

**ମେକ୍ସିକୋ**

ଆୟୋଜକ ମେକ୍ସିକୋ ଚଳିତ ଫିଫା ବିଶ୍ୱକପ୍‌ରେ ବିଜୟ ଧାରା ଜାରି ରଖିଛି । ଗୁରୁବାର ଗ୍ରୁପ୍-ଏ'ର ନିଜର ଶେଷ ମ୍ୟାଚ୍‌ରେ ଘରୋଇ ଦଳ ୩-୦ ଗୋଲ୍‌ରେ ଚେକ୍ ଗଣରାଜ୍ୟକୁ ହରାଇ ବିଦାୟ ରାସ୍ତା ଦେଖାଇଛି । ଏଥିସହ ପୂର୍ବରୁ ନକ୍‌ଆଉଟ୍ ସ୍ଥାନ ପକ୍କା କରି ସାରିଥିବା ମେକ୍ସିକୋ ୩ରୁ ୩ ମ୍ୟାଚ୍ ଜିତି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି । ରାଉଣ୍ଡ-୩୨ରେ ଏହି ଦଳ ପ୍ରତିଯୋଗିତାର ଶ୍ରେଷ୍ଠ ତୃତୀୟ ଦଳ ବିପକ୍ଷରେ ଖେଳିବ ।

ପ୍ରଥମାର୍ଦ୍ଧ ଗୋଲ୍ ଶୂନ୍ୟରେ ଶେଷ ହେବା ପରେ ୫୫ତମ ମିନିଟ୍‌ରେ ଲୁଇସ ରୋମୋଙ୍କ ପାସ୍‌ରେ ମାତିଓ ଚାଭେଜ୍ ଗୋଲ୍ ଦେଇ ଘରୋଇ ଦର୍ଶକ ସମ୍ମୁଖରେ ମେକ୍ସିକୋକୁ ଆଗୁଆ କରିଥିଲେ । ଏହାର ୬ ମିନିଟ୍ ପରେ ଜର୍ଜ ସାଞ୍ଚେଜ୍‌ଙ୍କ ପାସ୍‌କୁ ଜୁଲିଆନ୍ କ୍ୱିନୋନେସ ଗୋଲ୍‌ରେ ପରିଣତ କରି ଘରୋଇ ଦଳକୁ ୨-୦ରେ ଅଗ୍ରଣୀ ଦେଇଥିଲେ । ଶେଷ ଇନ୍‌ଜୁରି ସମୟରେ ରୋଭାର୍ଟୋ ଅଲଭାରୋଡୋଙ୍କ ପାସ୍‌ରେ ଆଇଭାରୋ ଫିଡାଲ୍‌ଗୋ ଗୋଲ୍ କରି ମେକ୍ସିକୋ ୩-୦ ବ୍ୟବଧାନରେ ବିଜୟ ଭେଟି ଦେଇଥିଲେ ।




# ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତି
## ୩ ଠିକାଦାର ଗିରଫ



**କଟକ, ନ୍ୟୁଜ୍ ବ୍ୟୁରୋ**

ବହୁ ଚର୍ଚ୍ଚିତ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ଦୁର୍ନୀତି ମାମଲାରେ ଗୁରୁବାର ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍‌ସ) ଟିମ୍ ନୟାଗଡ଼, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା । ଚଢ଼ଉ ପରେ ତିନି ଜିଲ୍ଲାରୁ ଉକ୍ତ ବିଦ୍ୟୁତକରଣ କାର୍ଯ୍ୟର ଠିକା ନେଇଥିବା ତିନି ଠିକାଦାରଙ୍କୁ ଗିରଫ କରିଛି । ଏନେଇ ଭିଜିଲାନ୍‌ସ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ମୟୂରଭଞ୍ଜ ଜିଲ୍ଲା ବାରିପଦା ଏମ୍/ଏସ୍ ଟ୍ରାନ୍ସପାୱାରର ମାଲିକ ଗିରିଜା ଶଙ୍କର ଦାଶ, ଯାଜପୁର ଜିଲ୍ଲା ଦେବୀ ଦ୍ୱାରର ଏମ୍/ଏସ୍ ବିରଜା ଇଲେକ୍ଟ୍ରିକାଲ୍ ଆଣ୍ଡ୍ କନ୍‌ଷ୍ଟ୍ରକ୍‌ସନସର ମାଲିକ ଧରଣୀଧର ସାହୁ, ଭୁବନେଶ୍ୱର ଖଣ୍ଡଗିରି ଠାରେ ଥିବା ଏମ୍/ଏସ୍ ଯୋଗମାୟା ଟ୍ରେଡର୍ସ ପ୍ରୋର ମାଲିକ ବିଭୂତି ରଞ୍ଜନ ବିଶ୍ୱାଳଙ୍କୁ ଗିରଫ କରାଯାଇଛି । ସେମାନଙ୍କୁ ତୁରନ୍ତ ଭିଜିଲାନ୍‌ସ କୋର୍ଟରେ ହାଜର କରାଯାଇଛି । ଏହି ଦୁର୍ନୀତି ଘଟଣାରେ ଭିଜିଲାନ୍‌ସ, ଦୁର୍ନୀତି ନିବାରଣ ଆଇନ ୧୯୮୮ ଓ ଆଇପିସିର ବିଭିନ୍ନ ଧାରାରେ ୫,୬,୭/୨୦୨୬ରେ ତିନିଟି ପୃଥକ ମାମଲା ରୁଜୁ କରିଛି । ତଦନ୍ତରେ ଉକ୍ତ ତିନି ଠିକାଦାରଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଓ ଦୁର୍ନୀତିର ପ୍ରମାଣ ମିଳିଛି । ସେମାନଙ୍କୁ ତିନି ଜିଲ୍ଲାରେ ରାସ୍ତାକଡ଼ ବିଦ୍ୟୁତକରଣ ନିମନ୍ତେ ଠିକା ଦିଆଯାଇଥିଲା । ୫ତମ ରାଜ୍ୟ ଅର୍ଥ ଆୟୋଗର ଇଭୋଲ୍ୟୁସନ୍ ଗ୍ରାଣ୍ଟରୁ ୨୦୨୧ରୁ ୨୦୨୩ ମଧ୍ୟରେ ଅନୁଦାନ ମିଳିଥିଲା । ତିନିଟି ଜିଲ୍ଲାରେ ୧୦୦୦ଟି କ୍ଲଷ୍ଟରରେ ଏହି ଦୁର୍ନୀତି ହୋଇଛି । ପ୍ରତି କ୍ଲଷ୍ଟରରେ ୧୦ଟି ଏଲ୍‌ଇଡି ଲାଇଟ୍ ରହିଥାଏ । ପ୍ରାଥମିକ ଆକଳନରେ ପ୍ରାୟ ୩ କୋଟି ଟଙ୍କା ହଡ଼ପ ହୋଇଥିବା ଜଣାଯାଇଛି । ସମସ୍ତ କ୍ଲଷ୍ଟରର ପୁଙ୍ଖାନୁପୁଙ୍ଖ ଯାଞ୍ଚ ପରେ ହେରଫେର ଓ ହଡ଼ପ ହୋଇଥିବା ସ୍ପଷ୍ଟ ହୋଇଛି । ଏଥିରେ ଜଡ଼ିତ ନଥିପତ୍ରଗୁଡ଼ିକ ଜବତ ହୋଇଛି । ମାମଲାର ତଦନ୍ତ ଜାରି ରହିଛି । ଟଙ୍କା ଆବଣ୍ଟନ ଓ କାର୍ଯ୍ୟାନ୍ୱୟନ ଏବଂ ଏଥିରେ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ସମ୍ପର୍କରେ ମଧ ଅନୁସନ୍ଧାନ ହେବ ବୋଲି ଭିଜିଲାନ୍‌ସ ପକ୍ଷରୁ ସୂଚନା ଦିଆଯାଇଛି ।

# କାନାଡ଼ାକୁ ହରାଇ ଗ୍ରୁପ୍-ବି' ଶୀର୍ଷରେ ସୁଇଜରଲାଣ୍ଡ

**ଭାଙ୍କୋଭର**

ରୁବେନ ଭର୍ଗାସ ଓ ଜୋହାନ ମାଜାମ୍ବିଙ୍କ ଗୋଲ ବଳରେ ସୁଇଜରଲାଣ୍ଡ ୨-୧ ଗୋଲରେ କାନାଡାକୁ ପରାସ୍ତ କରିଛି । ଏହି ବିଜୟ ସହ ସୁଇଜରଲାଣ୍ଡ ଗ୍ରୁପ୍-ବି' ଟପ୍ପର ଭାବେ ନକ୍‌ଆଉଟ୍ ରାଉଣ୍ଡରେ ପ୍ରବେଶ କରିଛି ।

ପରାଜୟ ସତ୍ତ୍ୱେ କାନାଡା ଦ୍ୱିତୀୟ ସ୍ଥାନରେ ରହି ଇତିହାସରେ ପ୍ରଥମ ଥର ପାଇଁ ନକ୍‌ଆଉଟ୍ ପର୍ଯ୍ୟାୟରେ ସ୍ଥାନ ପାଇଛି । ସୁଇଜରଲାଣ୍ଡ ଭାଙ୍କୋଭରଠାରେ ରାଉଣ୍ଡ ଅଫ୍-୩୨ ମ୍ୟାଚ୍‌ରେ ଏକ ତୃତୀୟ ସ୍ଥାନରେ ରହିଥିବା ଦଳକୁ ଭେଟିବ । କାନାଡାକୁ ଘରୋଇ ଫ୍ୟାନ୍ସଙ୍କ ଆଗରେ ଖେଳିବା ପାଇଁ ଏହି ମ୍ୟାଚ୍‌ରେ ନିହାତି ପଏଣ୍ଟ ଦରକାର ଥିଲା । କିନ୍ତୁ ଦ୍ୱିତୀୟ ସ୍ଥାନରେ ରହିଥିବାରୁ କାନାଡା ତା'ର ପ୍ରଥମ ନକ୍‌ଆଉଟ୍ ମ୍ୟାଚ୍ କାଲିଫର୍ଣ୍ଣିଆର ଇଙ୍ଗଲେଉଡ୍‌ଠାରେ ଗ୍ରୁପ୍-ଏ'ରେ ଦ୍ୱିତୀୟ ସ୍ଥାନରେ ରହିଥିବା ଦଳ ସହ ଖେଳିବ ।



# ଜୟ ମୁନ୍ଦଡ଼ା ଆୟରଲାଣ୍ଡ ଦଳରୁ ଭାରତ ବିପକ୍ଷରେ ଡେବ୍ୟୁ କରିବେ ରାଜସ୍ଥାନର ପୁଅ

**ନୂଆଦିଲ୍ଲୀ**

ଭାରତ ଏବଂ ଆୟରଲାଣ୍ଡ ମଧ୍ୟରେ ଆରମ୍ଭ ହେବାକୁ ଯାଉଥିବା ଟି-୨୦ ସିରିଜ୍ ପୂର୍ବରୁ ଚର୍ଚ୍ଚା ଯଦିଓ ଯୁବ ଷ୍ଟାର୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ହେଉଛି, କିନ୍ତୁ ଆଉ ଜଣେ ଭାରତୀୟ ବଂଶୋଦ୍ଭବ ଖେଳାଳି ମଧ ବର୍ତ୍ତମାନ ଖବରର ହେଡଲାଇନ୍ସରେ ଅଛନ୍ତି । ରାଜସ୍ଥାନରେ ଜନ୍ମିତ ଦ୍ରୁତ ବୋଲର ଜୟ ମୁନ୍ଦଡା ଚଳିତ ସପ୍ତାହରେ ଆୟରଲାଣ୍ଡ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଡେବ୍ୟୁ କରିପାରନ୍ତି ।

ରାଜସ୍ଥାନର ଟୋଙ୍କ ଜିଲ୍ଲାର ବାସିନ୍ଦା ୨୮ ବର୍ଷୀୟ ଜୟ ମୁନ୍ଦଡ଼ାଙ୍କୁ ଭାରତ ବିପକ୍ଷରେ ହେବାକୁ ଥିବା ଟି-୨୦ ସିରିଜ୍ ପାଇଁ ଆୟରଲାଣ୍ଡ ଦଳରେ ସାମିଲ କରାଯାଇଛି । ବାମହାତୀ ଦ୍ରୁତ ବୋଲର ଜୟ ୨୦୨୧ ମସିହାରେ ଏମଟେକ୍ ପଢ଼ିବା ପାଇଁ ଛାତ୍ର ଭିସାରେ ଆୟରଲାଣ୍ଡ ଯାଇଥିଲେ । ପଢ଼ା ସହିତ ସେ ସେଠାରେ କ୍ରିକେଟ୍ ଖେଳିବା ଜାରି ରଖିଥିଲେ ଏବଂ ଚାକିରି ମଧ କରୁଥିଲେ । କ୍ରମାଗତ ଭଲ ପ୍ରଦର୍ଶନ ବଳରେ ସେ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ୨୦୨୫ ରେ ଆୟରଲାଣ୍ଡର ନାଗରିକତ୍ୱ ହାସଲ କରିବା ପରେ ବର୍ତ୍ତମାନ ଜାତୀୟ ଦଳ ପର୍ଯ୍ୟନ୍ତ ଯାତ୍ରା ସଫଳ କରିଛନ୍ତି ।

ଜୟଙ୍କ ସଫଳତା ଯୋଗୁଁ ତାଙ୍କ ପରିବାର ଏବଂ ସମଗ୍ର ଟୋଙ୍କ ଜିଲ୍ଲାରେ ଖୁସିର ମାହୋଲ ଖେଳିଯାଇଛି । ପରିବାର ଲୋକଙ୍କ କହିବା କଥା ଯେ ତାଙ୍କର ଆକ୍ରମଣାତ୍ମକ ବୋଲିଂ ଏବଂ ଉପଯୋଗୀ ବ୍ୟାଟିଂ ତାଙ୍କୁ ଏହି ସ୍ତରରେ ପହଞ୍ଚାଇଛି ।



ଜୟଙ୍କ ଚୟନ ପରେ ତାଙ୍କ ଘରେ ଶୁଭେଚ୍ଛା ଜଣାଇବା ପାଇଁ ଲୋକଙ୍କ ଭିଡ଼ ଜମିଛି । ପରିବାର ପାଇଁ ଏହା କେବଳ ଏକ ସଫଳତା ନୁହେଁ, ବରଂ ବହୁ ବର୍ଷର ସ୍ୱପ୍ନ ସତ ହେବା ଭଳି ଏକ ମୁହୂର୍ତ୍ତ । ତାଙ୍କ ମାଆ କହିଛନ୍ତି ଯେ ପୁଅ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପହଞ୍ଚି ତାଙ୍କ ସ୍ୱପ୍ନ ପୂରଣ କରିଛି ।

# ଶିଶୁ ଶ୍ରମ ନିରାକରଣ ପାଇଁ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଚଢ଼ଉ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ସମ୍ବଲପୁରରେ ଶିଶୁ ଶ୍ରମ ନିରାକରଣ ପାଇଁ ଚାଲୁଥିବା ୧୫ ଦିନିଆ ଅଭିଯାନର ଅଂଶ ସ୍ୱରୂପ ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳର ହୋଟେଲ, ଗ୍ୟାରେଜ୍, ଢାବା ଓ ଅନ୍ୟାନ୍ୟ ପ୍ରତିଷ୍ଠାନରେ ଚଢ଼ଉ-ସହ-ଉଦ୍ଧାର କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଅଭିଯାନକୁ ଶତ୍ରୁଜିତ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ, ସମ୍ବଲପୁର ଏବଂ ତାରାବତୀ ପ୍ରଧାନ, ଡିଏସ୍‌ପି, ସମ୍ବଲପୁର ନେତୃତ୍ୱ ଦେଇଥିଲେ । ଅଭିଯାନ ସମୟରେ ୧ ଜଣ ଶିଶୁ ଶ୍ରମିକ ଏବଂ ୧ ଜଣ କିଶୋର ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା ଏବଂ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି



ଚଢ଼ଉରେ ଶ୍ରମ ବିଭାଗ, ସମ୍ବଲପୁରର ସହକାରୀ ଶ୍ରମ ଅଧିକାରୀ ମିସ୍ ପୁଷ୍ପା ମିଞ୍ଜ, ବ୍ରଜେଶ କୁମାର ହୋତା, ମିସ ଲିପ୍ସା ପ୍ରଧାନ, ମିସ ତାନିୟା ଠାକୁର, ନିଖିଳେଶ ଦାସ, ମୀନକେତନ ସୁନ୍ୟାନୀ, ମିସ୍ ଡୋଲେଶ୍ୱରୀ ନାଗ, ପୋଲିସ କର୍ମଚାରୀ ଏବଂ ଆଦର୍ଶ ଏନଜିଓର କାର୍ଯ୍ୟକ୍ରମ ପରିଚାଳକ ରଞ୍ଜନ ନାୟକ ଅଂଶଗ୍ରହଣ କରିଥିଲେ ।

# ହାତକୁ ଦୁଇହାତ ହେଲେ ଟିମ୍ ଇଣ୍ଡିଆ ଷ୍ଟାର ଆକାଶ, ଅକ୍ଷିତାଙ୍କୁ କଲେ ଜୀବନସାଥୀ

**ନୂଆଦିଲ୍ଲୀ**

ହାତକୁ ଦୁଇ ହାତ ହୋଇଛନ୍ତି ଟିମ୍ ଇଣ୍ଡିଆର ଷ୍ଟାର ପେସର ଆକାଶଦୀପ । ବ୍ୟକ୍ତିଗତ ଜୀବନରେ ନୂଆ ଇନିଂସ ଆରମ୍ଭ କରିଛନ୍ତି ଆକାଶ । ଭାରତୀୟ ଦଳର ବୋଲର ଆକାଶଦୀପ ବୁଧବାର ଅକ୍ଷିତା ରାଜଙ୍କୁ ବିବାହ କରିଛନ୍ତି । ଅକ୍ଷିତା ରାଜ ଦେହରିର ମାଣିକପୁରର ବାସିନ୍ଦା । ସେମାନଙ୍କର ବିବାହ ଉତ୍ତର ପ୍ରଦେଶର ବାରାଣସୀର ଏକ ପଞ୍ଚତାରକା ହୋଟେଲରେ ସମ୍ପର୍ଣ୍ଣ ହୋଇଛି । ଭୋଜପୁରୀ ତାରକା ପବନ ସିଂହ ଏବଂ କ୍ରିକେଟର ମୁକେଶ କୁମାରଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିତ୍ୱ ଏହି ବିବାହରେ ଉପସ୍ଥିତ ଥିଲେ । ଆକାଶଦୀପ ଅକ୍ଷିତା ରାଜଙ୍କୁ ଜୀବନସାଥୀ କରିଛନ୍ତି । ବିବାହର ଦଳଦୀ, ମେହେନ୍ଦୀଠୁ ନେଇ ବିଭିନ୍ନ କାର୍ଯ୍ୟକ୍ରମର ଫଟୋ ଭିଡିଓ ସୋସିଆଲ ମିଡିଆ ଆସିଥିଲା । ଏବେ ତାଙ୍କ ବାହାଘର ଫଟୋ ସାମ୍ନାକୁ ଆସିଛି ।

ଭାରତୀୟ ଷ୍ଟାର ଖେଳାଳିଙ୍କ ବିବାହରେ ଅନେକ ବଡ଼ ବ୍ୟକ୍ତିତ୍ୱ



ଏବଂ କ୍ରିକେଟର ଯୋଗ ଦେଇଛନ୍ତି । ଅନେକ କ୍ରିକେଟର ଏବଂ ଚଳଚ୍ଚିତ୍ର ଜଗତର ବ୍ୟକ୍ତିତ୍ୱ ମଧ ଯୋଗ ଦେଇଥିଲେ । ଯାହା ନବଦମ୍ପତିଙ୍କ ପାଇଁ ଦିନଟିକୁ ସ୍ୱତନ୍ତ୍ର କରିଥିଲା । ବିବାହ ପରେ ପ୍ରଥମ ଫଟୋ ମଧ ସାମ୍ନାକୁ ଆସିଛି ଏବଂ ଏହାକୁ ସୋସିଆଲ ମିଡିଆରେ ବହୁଳ ଭାବରେ ସେୟାର କରାଯାଉଛି । ବାଜା ବଜାଇ ବାଣ ଫୁଟାଇ ଆକାଶଦୀପ ତାଙ୍କ କନ୍ୟା ଅକ୍ଷିତଙ୍କୁ ଆଣିବାକୁ ହୋଟଲରେ ପହଞ୍ଚିଥିଲେ । ଫଟୋରେ ଦେଖିବାକୁ ମିଳିଛି ଅକ୍ଷିତାଆକାଶଦୀପଙ୍କୁ ମାଳ ପିନ୍ଧାଉଛନ୍ତି । ବିବାହ ପରେ ଲୋକମାନେ କରତାଳି ଦେଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଆକାଶଦୀପ ଶିବସାଗର ଥାନା ଅଞ୍ଚଳର ବାଦିର ବାସିନ୍ଦା । କିଛି ଦିନ ପୂର୍ବରୁ ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ତାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ତାଙ୍କ ଗାଁକୁ ଆସିଥିଲେ । ଜୁନ୍ ୨୧ ତାରିଖରେ ଆକାଶଦୀପଙ୍କ ତିଳକ ସମାରୋହରେ ଅନେକ ପ୍ରମୁଖ ବ୍ୟକ୍ତି ମଧ ଉପସ୍ଥିତ ଥିଲେ ।

# ବରଗଡ଼ ପୌରପରିଷଦ ପକ୍ଷରୁ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବରଗଡ଼ ପୌର ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ୍ ଏବଂ ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟସ୍ଥ ୱାର୍ଡ ନଂ-୧୧, ନୂଆପଡ଼ା ସ୍ଥିତ ଖେଳ ପଡ଼ିଆ ଠାରେ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପୌରାଧକ୍ଷା କଳ୍ପନା ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ସାଂସଦ ପ୍ରତିନିଧି ପରେଶ ବିଶି, ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ନାଗରିକମାନଙ୍କୁ ପୌରସଂସ୍ଥା ମାଧ୍ୟମରେ ପ୍ରଦାନ କରାଯାଉଥିବା ବିଭିନ୍ନ ସରକାରୀ ସୁବିଧା ଓ ସେବା ସମ୍ପର୍କରେ ସଚେତନ କରାଇଥିଲେ । ଏହି ଅବସରରେ ଉପସ୍ଥିତ ହିତାଧିକାରୀ ଓ ସାଧାରଣ ଜନତା ଅଭାସୀ (ଭର୍ଚ୍ଚୁଆଲ୍) ମାଧ୍ୟମରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହ ସଂଯୁକ୍ତ ହୋଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ମୂଳକ ପଦକ୍ଷେପ ସମ୍ପର୍କରେ ସୂଚନା ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ନାଗରିକ ଅଂଶଗ୍ରହଣ କରିଥିଲେ ।

24001/253/2627

**ତହସିଲଦାରଙ୍କ କାର୍ଯ୍ୟାଳୟ, ନିଆଳୀ**

ସଂଖ୍ୟା : ୩୦୫୬ ତାରିଖ : ୨୪.୦୬.୨୬

**ନିଲାମ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିଆଳୀ ତହସିଲ ଅନ୍ତର୍ଗତ Annexure-I ରେ ସ୍ଥାନିତ ଆଠ ଗୋଟି ମହିଦିଆକୁ ୨୦୨୬-୨୦୨୭ ଆର୍ଥିକ ବର୍ଷ ନିମନ୍ତେ ନିଲାମ ପାଇଁ ବନ୍ଦ ଲଫାପାରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏ ସମ୍ପର୍କିତ ବିବରଣୀ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ୱେବସାଇଟ (www.cuttack.odisha.gov.in) ରେ ଉପଲବ୍ଧ ଅଟେ । ଏତଦ୍ ବ୍ୟତୀତ ଏ ସମ୍ପର୍କରେ ସମସ୍ତ ତଥ୍ୟାବଳି ତହସିଲଦାର, ନିଆଳୀଙ୍କ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ମିଳିପାରିବ ।

ସ୍ୱା/-ତହସିଲଦାର, ନିଆଳୀ

OIPR-24001/24228/1/26-27/0001



## ମାଟିଆପଡ଼ା ଆରଓବି କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା

# ଶୀଘ୍ର କାର୍ଯ୍ୟ ସମାପ୍ତି ପାଇଁ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଗକୁ ରଥଯାତ୍ରା ଆସୁଛି ଓ ଏଥିଲାଗି ରାଜ୍ୟ ତଥା ରାଜ୍ୟ ବାହାରୁ ପୁରୀକୁ ଅନେକ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଆସିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ପୁରୀ ସହର ଏବଂ ସହରକୁ ସଂଯୋଗ କରୁଥିବା ରାସ୍ତା ଓ ଗମନା ଗମନ ମାର୍ଗର ସୁଦୃଢ଼ୀକରଣ ଉପରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ ଗୁରୁତ୍ୱ ଦେଇ ଆସୁଛନ୍ତି । ଏହି କ୍ରମରେ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏନ୍‌ଏଚ୍‌-୩୧୬ ଅନ୍ତର୍ଗତ ମାଟିଆପଡ଼ା ରୋଡ୍ ଓଭର ବ୍ରିଜ୍ (ଆରଓବି) ନିର୍ମାଣ ସ୍ଥଳ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି ।

ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବୋ-ଷ୍ଟ୍ରିଙ୍ଗ ଗାର୍ଡର କାର୍ଯ୍ୟ ପରିଦର୍ଶନ କରିବା ସହ ପ୍ରକଳ୍ପର ଅବଶିଷ୍ଟ କାର୍ଯ୍ୟର ସମୀକ୍ଷା କରିଥିଲେ । ୨୬ ଜୁନ ୨୦୨୬ରେ ଆରଡିଏସ୍‌ଓ ଦଳର ପରିଦର୍ଶନ ପରେ ଅବଶିଷ୍ଟ ଦୁଇଟି ସ୍ପାନର ବୋ-ଷ୍ଟ୍ରିଙ୍ଗ ଗାର୍ଡର ଲଂଚିଂ ସହ ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେ ଜାତୀୟ ରାଜପଥ ବିଭାଗର ଅଧିକାରୀ ଏବଂ କାର୍ଯ୍ୟ ନିର୍ବାହୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ, କ୍ରାସ୍ ବ୍ୟାରିୟର ଢଳେଇ, ଉଭୟ ପାର୍ଶ୍ୱର ଆପ୍ରୋଚ୍ ରୋଡରେ ପିଚୁ-କଙ୍କ୍ରିଟ୍ ବିଛାଇବା, ଏକ୍ସପାନସନ୍ ଜଏଂଟ ସ୍ଥାପନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକୁ ସମାନ୍ତରାଳ ଭାବେ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ନିର୍ମାଣ ବିଭାଗ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଅଗ୍ରଗତି ଉପରେ ନିରନ୍ତର ନଜର ରଖିଛି ଏବଂ ଜନସାଧାରଣଙ୍କ ସୁବିଧା ପାଇଁ ଏହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ପ୍ରତିବଦ୍ଧ ।



ଏଥି ସହିତ ଆସନ୍ତା ରଥଯାତ୍ରା-୨୦୨୬ ପୂର୍ବରୁ ଆରଓବିର ଉଭୟ ପାର୍ଶ୍ୱରେ ଥିବା ସର୍ଭିସ୍ ରୋଡ୍ କୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରି ଯାତାୟାତ ଉପଯୋଗୀ କରିବାକୁ ମଧ୍ୟ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ପରିଦର୍ଶନ ସମୟରେ ମୁଖ୍ୟ ଯନ୍ତ୍ରୀ (ଜାତୀୟ ରାଜପଥ), ତତ୍ତ୍ୱାବଧାୟକ ଯନ୍ତ୍ରୀ (ଜାତୀୟ ରାଜପଥ) ଏବଂ କାର୍ଯ୍ୟ ନିର୍ବାହୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଓଡ଼ିଶା ସୂଚନା ସେବାର ୩ ଜଣ ବରିଷ୍ଠ ଅଧିକାରୀଙ୍କୁ ପଦୋନ୍ନତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ପଦୋନ୍ନତି ପ୍ରକ୍ରିୟାରେ ଓଡ଼ିଶା ସୂଚନା ସେବାକ୍ୟାଡରର ୩ ଜଣ ବରିଷ୍ଠ ଉପ-ନିର୍ଦ୍ଦେଶକଙ୍କୁ ଯୁଗ୍ମ-ନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ମିଳିଛି । ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି । ଜୟଦେବ ଭବନସ୍ଥିତ ରାଜ୍ୟ ସୂଚନା କେନ୍ଦ୍ରର ଉପ-ନିର୍ଦ୍ଦେଶିକା ପଦବୀରେ ଥିବା ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ରଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା ଭାବେ ପଦନ୍ନୋତି ଦିଆଯାଇଛି ଏବଂ ସେ ଜୟଦେବ ଭବନ ରାଜ୍ୟ ସୂଚନା କେନ୍ଦ୍ରର ଉପ-ନିର୍ଦ୍ଦେଶିକା ଦାୟିତ୍ୱ ମଧ୍ୟ ଅତିରିକ୍ତ ଭାବେ ତୁଲାଇବେ । ସେହିପରି ବିଭାଗର ସମ୍ବଲପୁରସ୍ଥିତ ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ (ଉତରାଂଚଳ ଡିଭିଜନ)ର ଉପ-ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ ଶ୍ରୀମତୀ କଲ୍ୟାଣୀ ଦାଶଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା ପଦବୀକୁ ପଦୋନ୍ନତି ଦିଆଯାଇଛି । ସେ ମଧ୍ୟ ଉତରାଂଚଳ ଉପ ନିର୍ଦ୍ଦେଶିକା ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ । ରାଜ୍ୟ ମୁଖ୍ୟ ଦପ୍ତରର ଉପ-ନିର୍ଦ୍ଦେଶକ (କ୍ଷେତ୍ର-୧) ଭାବେ କାର୍ଯ୍ୟରତ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀଙ୍କୁ ରାଜ୍ୟ ମୁଖ୍ୟ ଦପ୍ତରର ଯୁଗ୍ମ-ନିର୍ଦ୍ଦେଶିକା (କ୍ଷେତ୍ର) ଭାବେ ପଦନ୍ନୋତି ପ୍ରଦାନ କରାଯାଇଛି । ଓଡ଼ିଶା ସୂଚନା ସେବା ସଂଘର ସଦସ୍ୟ ସଦସ୍ୟାମାନେ ପଦନ୍ନୋତି ପାଇଥିବା ସମସ୍ତ ତିନିଜଣ ଯୁଗ୍ମ-ନିର୍ଦ୍ଦେଶିକାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ଏହା ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ ଅଧିକାରୀ, ଉପ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ସହକର୍ମୀମାନେ ନୂତନ ଯୁଗ୍ମ-ନିର୍ଦ୍ଦେଶିକାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉତରୋତର ସଫଳତା କାମନା କରିଛନ୍ତି । ସେମାନଙ୍କର ଏହି ପଦୋନ୍ନତି ବିଭାଗର କାର୍ଯ୍ୟଧାରାକୁ ଆହୁରି ସୁଦୃଢ଼ ଓ ଗତିଶୀଳ କରିବ ବୋଲି ସଂଘ ଆଶା ପ୍ରକାଶ କରିଛି ।

# ଭୁବନେଶ୍ୱର ଉପକଣ୍ଠରେ ବାଲିମାଫିଆଙ୍କ ରାଜ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରସ୍ଥ ହଂସପାଳ ଠାରୁ କୁଆଖାଇ ଓ କୁଶଭଦ୍ରା ନଦୀ ଦକ୍ଷିଣ ପଟ ବନ୍ଧ ରାସ୍ତାର କିଛିବାଟ ଗଲାପରେ ଦେଖିବାକୁ ମିଳେ କୁଢ କୁଢ ବାଲିଗଦାମାନ ରାସ୍ତା କଡ଼ରେ ଜମା ହୋଇରହିଛି । ସରକାରଙ୍କ ଏତେ ସତର୍କ ଦୃଷ୍ଟି ରହିଥିଲେ ମଧ୍ୟ ଏପରି ବାଲି କାହିଁକି ଓ କିପରି ନଦୀରୁ ଉଠାଇ ଗଦା ହୋଇଛି ତାହା ଏକ ଚିନ୍ତାର ବିଷୟ । ରାସ୍ତା ସଙ୍କୁଚିତ କରି ଦୁଇପାଖରେ ବାସଗୃହ ସହ ଦୋକାନ ଘରମାନ କରାଯାଉଛି । ବର୍ତ୍ତମାନ ସେହି ରାସ୍ତାରେ ଏତେ ମାତ୍ରାରେ ଲୋକ ଗହଳି ହେଉଛି ଯେ ସାଧାରଣ ଲୋକଙ୍କର ଯାତାୟାତ କରିବାରେ ଅସୁବିଧା ହେଉଛି । ରାସ୍ତା ପାର୍ଶ୍ୱରେ ଥିବା ଶହ ଶହ ଗଛମାନ କଟା ଯାଉଛି ଏପରିକି ବଜ୍ରପାତ ନିରୋଧକ ତାଳ ଗଛମାନ ମଧ୍ୟ ଏଥିରୁ ବାଦ୍ ପଡୁନାହିଁ । ସେହି ରାସ୍ତାର ଦେଇ ବହୁତ ବଡ଼ ବଡ଼ ବାଲି ବୁହା ଟ୍ରକ୍‌ମାନ ଯାତାୟତ କରୁଛି । ଜଣେ ପଥଚାରି ସେହି ରାସ୍ତାରେ ଗତିକଲେ କେତେବେଳେ ଯେ ଦୁର୍ଘଟଣାର ସମ୍ମୁଖୀନ ହେବ ତାହା କହି ହେବ ନାହିଁ । ଯେଉଁ ଜମି ଦିନେ ଶସ୍ୟ ଶ୍ୟାମଳିତ ଦେଖାଯାଉଥିଲା ଏବେ ସେଠାରେ ବଡ଼ ବଡ଼ ଅଟାଳିକାମାନ ତିଆରି ହୋଇଛି ଓ ତାହା ସହ ଇଲେକ୍ଟ୍ରିକ୍ ଖମ୍ବମାନ ପୋତଯାଇ ବିଜୁଳୀ ବତୀରେ ସେହି ରାସ୍ତାମାନ ଝଲସୁଛି । ଏହି ପ୍ରକାର କାର୍ଯ୍ୟମାନଙ୍କୁ କେହି ହୁଏତ ବିରୋଧ କରୁନାହାନ୍ତି । ବାଲିଅନ୍ତା ଓ ପାହାଳରେ ଦୁଇଟି ଥାନା ଅଛି । ଭୁବନେଶ୍ୱରର ବାଲିଅନ୍ତା ତହସିଲ ଅଫିସମାନ ମଧ୍ୟ ରହିଛି । ହୁଏତ ସେଠାରେ କାର୍ଯ୍ୟର କର୍ମଚାରୀମାନେ ଏଥିପ୍ରତି ମଧ୍ୟ ଧ୍ୟାନ ଦେଉନାହାନ୍ତି । ବିଭାଗୀୟ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ସେମାନେ ନୀରବଦ୍ରଷ୍ଟା ହେଉଛନ୍ତି । ଏହା ଉପରେ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଅଞ୍ଚଳର ବୁଦ୍ଧିଜୀବିମାନେ ଦାବି କରୁଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଧ୍ୱଂସସ୍ତୂପରେ...

ବିମାନବନ୍ଦର'କୁ ସୁରକ୍ଷା ଦୃଷ୍ଟିରୁ ବନ୍ଦ କରିଦିଆଯାଇଛି । ସମୁଦ୍ର କୂଳରେ ଥିବା ଅନେକ ସମ୍ପତ୍ତି ସମେତ ପ୍ରସିଦ୍ଧ 'ଏଡୁଆର୍ଡସ୍ ହୋଟେଲ୍ ବୁଟିକ୍' ମାଟିରେ ମିଶିଯାଇଛି । ପରିସ୍ଥିତିର ଗମ୍ଭୀରତାକୁ ଦେଖି ଭେନେଜୁଏଲାର ଅନ୍ତରୀଣ ରାଷ୍ଟ୍ରପତି ଡେଲସି ରୋଡ୍ରିଗଜ୍ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି । ଦେଶବାସୀଙ୍କୁ ସମ୍ବୋଧିତ କରି ସେ ସମସ୍ତଙ୍କୁ ଧୈର୍ଯ୍ୟ ଓ ଏକତା ରକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି । ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ କହିଛନ୍ତି ଯେ ଏହି ଭୟଙ୍କର ଭୂମିକମ୍ପ ପରେ ସହାୟତା ଓ ଉଦ୍ଧାର କାର୍ଯ୍ୟ ପାଇଁ ଆମେରିକା ଏକ ବିଶାଳ, ଦ୍ରୁତ ଏବଂ ପ୍ରଭାବଶାଳୀ ଅଭିଯାନ ଆରମ୍ଭ କରିଛି । ଉଦ୍ଧାର ତ୍ୱରାନ୍ୱିତ କରିବା ପାଇଁ ଆମେରିକାର ବିଭିନ୍ନ ପ୍ରଦେଶର ସହାୟକ ଟିମ୍ ଭେନେଜୁଏଲାରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଛନ୍ତି । ରୁବିଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ପ୍ରଶଂସା କରିବା ସହ କହିଛନ୍ତି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ବୈଦେଶିକ ବିଭାଗ ତୁରନ୍ତ ସମସ୍ତ ମାନବିକ ସହାୟତା ପଠାଇବା ଆରମ୍ଭ କରିଛି । ତେବେ ଧ୍ୱଂସଲୀଳା ଅତି ବ୍ୟାପକ ଥିବାରୁ ତୁରନ୍ତ ଧନଜୀବନ କ୍ଷୟକ୍ଷତିର ଆକଳନ କରିବା ସମ୍ଭବ ନୁହେଁ ଏବଂ ଏଥିପାଇଁ ଆହୁରି ଦୁଇ ଦିନ ଅପେକ୍ଷା କରିବାକୁ ପଡ଼ିବ ବୋଲି ରୁବିଓ କହିଛନ୍ତି ।

## ବିଜେଡ଼ିରେ ସାମିଲ...

ଏବଂ ବିଜେଡିର ରାଜନୈତିକ ଭବିଷ୍ୟତ ସଂପର୍କରେ ମଧ୍ୟ ସ୍ପଷ୍ଟ କରିଛନ୍ତି । ଶ୍ରୀ ପଟ୍ଟନାୟକ ଗଣମାଧ୍ୟମ ଆଗରେ ସ୍ପଷ୍ଟ କରିଛନ୍ତି ଯେ, ' ସେ ହିଁ ଆଗାମୀ ନିର୍ବାଚନରେ ବିଜେଡି ପକ୍ଷରୁ ନେତୃତ୍ୱ ନେବେ ।' ବିଜେଡିରେ ସାମିଲ ହେବା ପରେ ପ୍ରଥମ ପ୍ରତିକ୍ରିୟାରେ ସୁଜାତା ରାଉତ କାର୍ତ୍ତିକେୟନ କହିଛନ୍ତି 'ଦୀର୍ଘ ୨୪ ବର୍ଷ ଧରି ନବୀନ ପଟ୍ଟନାୟକ ସରକାରଙ୍କ ନେତୃତ୍ୱରେ ଓଡ଼ିଶାବାସୀଙ୍କ ସେବା କରିବା ପାଇଁ ମୋତେ ସୁଯୋଗ ମିଳିଥିଲା । ତାଙ୍କ ନେତୃତ୍ୱରେ ଓଡ଼ିଶା ମାଟିର ସେବା କରିବା ପାଇଁ ବିଜୁ ଜନତା ଦଳରେ ସାମିଲ ହେବାର ସେହି ସୁଯୋଗ ମିଳିଛି, । ' ନିଷ୍ଠା ଓ ସମର୍ପଣର ସହ ଓଡ଼ିଆ ଲୋକଙ୍କ ପାଇଁ କାମ କରିବି ବୋଲି କହିଛନ୍ତି ସୁଜାତା । ଗତ ୨୦୨୪ ନିର୍ବାଚନ ସମୟରେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ ସୁଜାତା । ଅବସର ନେବା ପୂର୍ବରୁ ସୁଜାତା ଓଡ଼ିଶାର ଅର୍ଥ ବିଭାଗରେ ସ୍ୱେଚ୍ଛାକୃତ ଭାବେ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଥିଲେ । ସୁଜାତା ହେଉଛନ୍ତି, ପୂର୍ବତନ ଆଇଏଏସ ଅଧିକାରୀ ତଥା ପୂର୍ବତନ ବିଜେଡି ନେତା ଭି.କେ. ପାଣ୍ଡିଆନଙ୍କ ପତ୍ନୀ । କେନ୍ଦ୍ରାପଡ଼ାର ଝିଅ ସୁଜାତା ୨୦୦୦ ମସିହା ବ୍ୟାଚର ଆଇଏଏସ ଅଧିକାରୀ । ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଲେଡି ଶ୍ରୀରାମ କଲେଜରୁ ରାଜନୀତି ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି । ପରେ ସେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ଅନ୍ତର୍ଜାତୀୟ ରାଜନୀତିରେ ମାଷ୍ଟର୍ସ ଡିଗ୍ରୀ ହାସଲ କରିଥିଲେ । ପରେ ଆଇଏଏସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ୨୪ ବର୍ଷ ଧରି ସରକାରୀ ସେବାରେ ନିୟୋଜିତ ଥିଲେ ।

## 'ପୁଷ୍କରା' ଓ 'ମାଇଁ ...

ମହାନ୍ତିଙ୍କୁ ଶ୍ରେଷ୍ଠ ମୁଖ୍ୟ ଅଭିନେତା, ୨୦୨୩ ପାଇଁ ମିଳିତ ଭାବେ ନୈନା ଦାଶ ତିୱାରୀ ଓ ସୁପ୍ରିୟା ନାୟକ ଏବଂ ୨୦୨୪ ପାଇଁ ଦେବଯାନୀ ଦେଘୁରିଆଙ୍କୁ ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ, ୨୦୨୩ ପାଇଁ ପିନାକୀ ସିଂ ଓ ଶିଶିର କୁମାର ସାହୁ ଏବଂ ୨୦୨୪ ପାଇଁ ଅଶୋକ ପତିଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି । ସେହିପରି ୨୦୨୩ ପାଇଁ ୩୦ଟି ବର୍ଗ ଏବଂ ୨୦୨୪ ପାଇଁ ୩୦ଟି ବର୍ଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ । ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ସୂରଜ ସମସ୍ତ ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଯେ, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିଶ୍ଚିତ ଭାବରେ ଓଡ଼ିଶାରେ ଓଡ଼ିଆ ଭାଷାରେ ଉନ୍ନତ, ମୂଲ୍ୟବୋଧ ଭିତ୍ତିକ, ସାମାଜିକ ପ୍ରାସଙ୍ଗିକତା ବିଷୟ ବସ୍ତୁ ଉପରେ ଆଧାରିତ ଚଳଚ୍ଚିତ୍ର ପ୍ରସ୍ତୁତ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇବ । ଏଥିସହ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓଡ଼ିଆ ଚଳଚ୍ଚିତ୍ର ଜଗତର ବିକାଶ ଓ ସମୃଦ୍ଧିରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ସେ କହିଛନ୍ତି । ପ୍ରକାଶଯୋଗ୍ୟ ଯେ, ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବା ନେଇ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ନିର୍ଦ୍ଦେଶକ ପ୍ରଣବ ଦାସଙ୍କ ଅଧ୍ୟକ୍ଷତାରେ ଏକ ଜୁରୀ କମିଟି ଗଠନ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଣବ ଦାସଙ୍କ ସମେତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍କୁଲ ପିଲାଙ୍କୁ ...

ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି । ସମସ୍ତ ସରକାରୀ ସ୍କୁଲର ଶିଶୁ ବାଟିକାରୁ କ୍ଲାସ ତିନି ପର୍ଯ୍ୟନ୍ତ ପିଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସଂସ୍ଥା ସ୍କୁଲର ଛାତ୍ରଛାତ୍ରୀଙ୍କୁ ଏହି ମାଗଣା ସ୍କୁଲ ବ୍ୟାଗ ଯୋଗାଇ ଦିଆଯିବ ।

## ଓଡ଼ିଶାରେ ଜନଗଣନାର...

କ୍ଷେତ୍ରସ୍ତରରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରିପ୍ରେକ୍ଷୀରେ ଜନଗଣନାର ପରବର୍ତ୍ତୀ ପର୍ଯ୍ୟାୟ ଜନସଂଖ୍ୟା ଗଣନା ପାଇଁ ଆବଶ୍ୟକ ପ୍ରସ୍ତୁତି, କାର୍ଯ୍ୟଯୋଜନା ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ମଧ୍ୟ ସୁବିସ୍ତୃତ ଆଲୋଚନା ହୋଇଥିଲା । ସମସ୍ତ ପ୍ରସ୍ତୁତିକୁ ସମୟବଦ୍ଧ ଭାବେ ସମ୍ପନ୍ନ କରି ଆଗାମୀ ପର୍ଯ୍ୟାୟକୁ ସଫଳ କରିବା ଉପରେ ରାଜସ୍ୱ ସଚିବ ଗୁରୁତ୍ୱାରୋପ କରିଥିଲେ । ସୂଚନାଯୋଗ୍ୟ ଯେ, ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଆବାସ ଜନଗଣନା ୧୬ ଏପ୍ରିଲ ୨୦୨୬ ଠାରୁ ୧୫ ମଇ ୨୦୨୬ ପର୍ଯ୍ୟନ୍ତ ୩୦ ଦିନ ଧରି ସଫଳତାର ସହ ଅନୁଷ୍ଠିତ ହୋଇଛି । ଏହା ସହିତ ସ୍ୱୟଂ-ଗଣନା କାର୍ଯ୍ୟକ୍ରମ ୧ ଏପ୍ରିଲ ୨୦୨୬ ଠାରୁ ୧୫ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ସମ୍ପନ୍ନ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ମସିହା ଫେବୃଆରୀ ମାସରେ କରାଯିବ । ଶେଷରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜନଗଣନା ଦଳକୁ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଶୁଭେଚ୍ଛା ଜଣାଇବା ସହ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିବାକୁ ଆଶା ପ୍ରକାଶ କରିଥିଲେ । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରଜ୍ଞାଧାରା ମିଶ୍ର, ଆଲୋମଣି ସେଠୀ, ଜନଗଣନାର କାର୍ଯ୍ୟର ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂହ ଏବଂ ହରାଧନ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପୂର୍ବତନ ଆଇଏଏସ୍ ...

ଅଧିକାଂଶ ସମୟ ସେ ସାହିତ୍ୟ ରଚନା ଏବଂ ତତ୍ ସମ୍ବନ୍ଧୀୟ ଗବେଷଣାରେ ନିଜକୁ ବୁଡାଇ ରଖୁଥିଲେ । ଅନେକ ଐତିହାସିକ ତଥ୍ୟ ଓ କଳ୍ପନା ପ୍ରସୂତ କଥାବସ୍ତୁକୁ ଆଧାର କରି ସେ ପୁସ୍ତକସବୁ ରଚନା କରୁଥିବାରୁ ତାଙ୍କୁ ଅତ୍ୟଧିକ ପରିଶ୍ରମ କରିବାକୁ ପଡୁଥିଲା । ତଥାପି ସେ ହାର ନ ମାନି ନିଜ କାର୍ଯ୍ୟ କରିଚାଲିଥିଲେ । ନିୟତି କିନ୍ତୁ ନିଷ୍ଠୁର ହେଲା । ତାଙ୍କ ଲେଖା ଅଧାରେ ରହିଗଲା । ଶ୍ରୀ ସାହୁଙ୍କ ପୁସ୍ତକଗୁଡିକ ମଧ୍ୟରେ ରହିଛି-ଗୀତ ଗୋବିନ୍ଦରେ ତୀବ୍ର ଶୃଙ୍ଗାର, ଭ୍ରମଣ କାହାଣୀ-ଉତ୍ତର ପୂର୍ବ ଭାରତ, ଏଣୁତେଣୁ, ଦିଲ୍ଲୀ ଓ ଉତ୍ତର ପ୍ରଦେଶ, ଦୁର୍ଗାଚରଣ ଓଡ଼ିଆ ଗୀତଗୋବିନ୍ଦ, ପଲ୍ଲବିକା, କାବ୍ୟ କୌଣ୍ଡିନ୍ୟ, କାବ୍ୟ କଲ୍ଲୋଳିନୀ ଏବଂ ଆହୁରି ଅନେକ । ବଧୂ ବିଦେଶିନୀ ନାମରେ ଏକ ବିରାଟ ଉପନ୍ୟାସ ସେ ଧାରାବାହିକ ଭାବେ 'ସମ୍ବାଦ କଳିକା'ରେ ଆରମ୍ଭ କରି ୪୬ଟି ଏପିସୋଡ ଯାଏଁ ଲେଖିଥିଲେ । ଏହାକୁ ସଂପୂର୍ଣ୍ଣ କରିବା ପୂର୍ବରୁ ସେ ଚାଲିଗଲେ । ଏହା ପୂରଣ ହୋଇଥିଲେ ନିଶ୍ଚୟ ଓଡ଼ିଆ ସାହିତ୍ୟପାଇଁ ଏକ ଅମୂଲ୍ୟ ସମ୍ପଦରେ ପରିଣତ ହୋଇଥାନ୍ତା । ଦୀର୍ଘ ବର୍ଷ ଧରି ବାହାରେ ରହୁଥିଲେ ମଧ୍ୟ ଓଡିଆ ଭାଷା ଉପରେ ତାଙ୍କର ଗଭୀର ଜ୍ଞାନ ଥିଲା । କାବ୍ୟ କଲ୍ଲୋଳିନୀକୁ ସେ ଉପେନ୍ଦ୍ରିୟ ଶୈଳୀରେ ଲେଖିଛନ୍ତି ଯାହା ବର୍ତ୍ତମାନ ସମୟରେ ଏକ ବିସ୍ମୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ପୁସ୍ତକର ମଧ୍ୟଭାଗରୁ ପଦର ବିଭିନ୍ନ ଅଂଶ କେବଳ ଏକ ଅକ୍ଷରରେ (ଯଥା-ଅ, କ, ବ, ଜ ବା ଯ ଇତ୍ୟାଦି) ଆରମ୍ଭ ହୋଇ ଶ୍ରୁତି ମଧୁର କରିବାର ପ୍ରୟାସ କରିଛନ୍ତି । ଶ୍ରୀ ସାହୁଙ୍କ ପରଲୋକରେ ଭୁବନେଶ୍ୱର ସମେତ ସାହିତ୍ୟପ୍ରେମୀ ମହଲରେ ଶୋକର ଛାୟା ଖେଳିଯାଇଛି । **ଦୁର୍ଗାଚରଣ ସାହୁଙ୍କ ବିୟୋଗରେ ସମ୍ବାଦ କଳିକା ସମ୍ପାଦକଙ୍କ ଶୋକ-** ଦୀର୍ଘ ଦିନ ହେଲା ମୋର ଦୁର୍ଗାବାବୁଙ୍କ ସହ ସଂପର୍କ ଥିଲା । ତାଙ୍କର ପ୍ରଥମ ଲେଖା ସେ 'ସମ୍ବାଦ କଳିକା'ରେ ଆରମ୍ଭ କରିଥିଲେ । ସେଇଦିନଠୁ ଆମ ସଂପର୍କ ଏକ ଭିନ୍ନ ରୂପ ନେଇଥିଲା । 'ସମ୍ବାଦ କଳିକା' ବ୍ୟତୀତ ସେ ଅନ୍ୟ କେଉଁଠିକୁ ଲେଖା ପଠାଉନଥିଲେ । ତାଙ୍କର ସବୁତକ ଲେଖା ପ୍ରାୟ 'ସମ୍ବାଦ କଳିକା'ରେ ପ୍ରକାଶ ପାଉଥିଲା । ମୁଁ ତାଙ୍କର ଭାଷା ଏବଂ ଶବ୍ଦଜ୍ଞାନ ଦେଖି ଖୁବ୍ ପ୍ରଭାବିତ ହୋଇଥିଲି । ସେ ଗୁଜୁରାଟ କ୍ୟାଡରର ଆଇଏଏସ ହୋଇଥିବାରୁ ଦୀର୍ଘଦିନ ଧରି ଓଡ଼ିଶା ବାହାରେ ରହୁଥିଲେ । ଓଡ଼ିଶା ବାହାରେ ରହିଲେ ମଧ୍ୟ ମାଆ ମାଟି ଏବଂ ଭାଷା ପ୍ରତି ତାଙ୍କର ଅହେତୁକ ମୋହ ତାଙ୍କୁ ଓଡ଼ିଆରେ ଲେଖିବାପାଇଁ ପ୍ରବର୍ତ୍ତାଇଥିଲା । ପ୍ରତିଟି ଲେଖା ପରେ ମୁଁ ତାଙ୍କୁ ପାଠକଙ୍କ ପ୍ରତିକ୍ରିୟା ବିଷୟରେ ଜଣାଇଦିଏ । ସେ ଅତ୍ୟନ୍ତ ଖୁସି ହୁଅନ୍ତି ଏବଂ ଆଗକୁ ଲେଖିବାକୁ ପ୍ରତିଶ୍ରୁତି ଦିଅନ୍ତି । ମୁଁ ତାଙ୍କ ପ୍ରେରଣାର ଉତ୍ସ ବୋଲି ସେ ପ୍ରାୟ ସବୁଠି ସବୁ ସମୟରେ କୁହନ୍ତି । ତାଙ୍କର ଶାନ୍ତ, ନମ୍ର, ଭଦ୍ର, ପରୋପକାରୀ ଗୁଣ ଯୋଗୁଁ ସେ ସମସ୍ତଙ୍କର ପ୍ରିୟ ଥିଲେ । ସେ ଯେଉଁ କେତୋଟି ପୁସ୍ତକ ରଚନା କରିଛନ୍ତି ତାହା ନିଶ୍ଚୟ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ ରୂପେ ପରିଗଣିତ ହେବ । ପ୍ରତି ଅକ୍ଷରକୁ ନେଇ କବିତା ରଚନା ଆଜିକାଲି କଷ୍ଟଦାୟକ ହେଲେ ମଧ୍ୟ ସେ ଏହାକୁ ଚ୍ୟାଲେଞ୍ଜ ହିସାବରେ ଗ୍ରହଣ କରି ସଂପୂର୍ଣ୍ଣ କରିପାରିଥିଲେ । ଏଥିପାଇଁ ଓଡ଼ିଆ ସାହିତ୍ୟ ତାଙ୍କୁ ସବୁଦିନ ମନେ ରଖିବ । ଅମର ପ୍ରସାଦ ଶତପଥୀ ତାଙ୍କୁ ମୋ ସହ ପରିଚିତ କରାଇଥିଲେ ଏବଂ 'ସମ୍ବାଦ କଳିକା'ରେ ଲେଖିବା ପାଇଁ କହିଥିଲେ । ସେଇ ଦିନଠୁ ସେ 'ସମ୍ବାଦ କଳିକା'ରେ ଲେଖିଆସୁଥିଲେ । ଆଗକୁ ଆଉ ଯାହା ଲେଖିଥାନ୍ତେ ତାହା ମଧ୍ୟ ସମ୍ବାଦ କଳିକାରେ ଲେଖିବାପାଇଁ ପ୍ରତିଶ୍ରୁତି ଦେଇଥିଲେ । ତାଙ୍କ ରଚିତ 'ଗୀତ ଗୋବିନ୍ଦରେ ତୀବ୍ର ଶୃଙ୍ଗାର' 'ସମ୍ବାଦ କଳିକା'ରେ ପ୍ରକାଶ ପାଇଲା ପରେ ଏନେଇ କତିପୟ ପାଠକଙ୍କ ଅସନ୍ତୋଷର ସାମନା ମୋତେ କରିବାକୁ ପଡିଥିଲେ ମଧ୍ୟ ମୁଁ ତାଙ୍କୁ ନିର୍ଭୟ ହୋଇ ଲେଖିବାକୁ ପରାମର୍ଶ ଦେଇଥିଲି । ଏହା ତାଙ୍କୁ ଏତେ ପ୍ରେରିତ କଲା ଯେ ସେଇଦିନଠୁ ସେ ପଛକୁ ଫେରି ଚାହିଁ ନାହାନ୍ତି । ଆଜି ତାଙ୍କର ଅକାଳ ବିୟୋଗରେ ସମ୍ବାଦ କଳିକାର ସ୍ତମ୍ଭ ଲେଖାରେ ଏକ ଅପୂରଣୀୟ କ୍ଷତି ହେଲା ଯାହାକୁ କେହି ପୂରଣ କରିପାରିବେନି । ତାଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ମର୍ମାହତ । ତାଙ୍କ ଶୋକସନ୍ତପ୍ତ ପରିବାରକୁ ଆନ୍ତରିକ ସମବେଦନା ଜଣାଇବା ସହ ଶ୍ରୀ ସାହୁଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛି ।

# ଆଦିତ୍ୟ ଆଲୁମିନିୟମର ପ୍ରତିଭା ସମ୍ମାନରେ ସମ୍ମାନିତ ହେଲେ ରେଙ୍ଗାଲି ବ୍ଲକର ଛାତ୍ରଛାତ୍ରୀ

**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**




ଆଦିତ୍ୟ ଆଲୁମିନିୟମ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟକ୍ରମରେ ମାଟ୍ରିକ ଓ ଦ୍ୱାଦଶ ରେ ୭୦% ରୁ ଅଧିକ ମାର୍କ ରଖି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସାମୁହିକ ପ୍ରତିଭା ସମ୍ମାନ କାର୍ଯକ୍ରମରେ ଉଚ୍ଚ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ସମୁଦାୟ ୫୯ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ସେମାନଙ୍କୁ ଗୋଟି ଲେଖାଏ ଟ୍ୟାବ୍ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯକ୍ରମଟି ଆଦିତ୍ୟ ଆଲୁମିନିୟମ ସ୍ଥିତ କ୍ଲବ ହାଉସ ରେ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ପୂର୍ବତନ ରେଙ୍ଗାଲି ବିଧାୟକ ଦୁର୍ଯ୍ୟୋଧନ ଗଡତିଆ, ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ସମିତି ସଭ୍ୟ କିରଣ ବେହେରା, ସମ୍ବଲପୁର ବରିଷ୍ଠ ନାଗରିକ ସଭାପତି ଅନ୍ତର୍ଯ୍ୟାମୀ ପାଣି, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ରେଙ୍ଗାଲି ତହସିଲଦାର ଆଶିଷ କୁମାର ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀମତୀ ସପ୍ତଶ୍ରୀ ମହାପାତ୍ର, ଅତିରିକ୍ତ ଶିକ୍ଷା ଅଧିକାରୀ ମହେନ୍ଦ୍ର ବାଗ୍, ୮ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର, ଲପଙ୍ଗାର ଶିକ୍ଷକ ଓ ଶିକ୍ଷୟତ୍ରୀ, ୬ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ, ବିରାଟ କୋଚିଂର ପ୍ରତିନିଧି ରାହୁଲ ରାଜ ଉପସ୍ଥିତ ଥିଲେ । ହିଣ୍ଡାଲକୋ କ୍ଲଷ୍ଟର୍ ମାନବସମ୍ବଳ ମୁଖ୍ୟ ଡକ୍ଟର କ୍ରିଷ୍ଣା ପାଢ଼ୀ, ତାଙ୍କ ବକ୍ତବ୍ୟରେ କହିଥିଲେ ଜୀବନରେ ନିଜର ସପ୍ନ ସାକାର କରିବାପାଇଁ ଚେଷ୍ଟା ଜାରି ରଖିବା ପାଇଁ ଉପଦେଶ ଦେଇଥିଲେ, ଆଦିତ୍ୟ ଆଲୁମିନିୟମ କାରଖାନାର ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ ଯୋଗଦେଇ ଶିକ୍ଷାର ପ୍ରସାର ଏବଂ ଭିତି ଭୂମି ଉପରେ ଆଲୋଚନା କରି ଗୁଣାତ୍ମକ ଶିକ୍ଷାକୁ ସ୍ଥାନୀୟ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ପ୍ରବର୍ତ୍ତାଇ ଥିଲେ । ଏହା ସହିତ ମାନବ ସମ୍ବଳର ମୁଖ୍ୟ ବିନୋଦା ନନ୍ଦ ଠାକୁର କହିଥିଲେ ଯେ ନୂତନ ଶିକ୍ଷା ପ୍ରଣାଳୀ ଅନୁଯାୟୀ ଡିଜିଟାଲ ଶିକ୍ଷାକୁ କିପରି ଆହୁରି ସମୃଦ୍ଧ କରିବା ଓ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ । ତତ୍ ସଙ୍ଗେ ସଙ୍ଗେ ସମସ୍ତ ଅଭିଭାବ ମାନଙ୍କର ମନବଳ ବଢ଼ାଇଥିଲେ । ପାରିପାର୍ଶ୍ୱିକ ଉନ୍ନୟନ ମୁଖ୍ୟ ରବି ନିୱାଶ ତାଙ୍କର ବକ୍ତବ୍ୟରେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଭଲ କ୍ୟାରିୟର ଗଠନ କରିବାକୁ ପରାମର୍ଶ ଦେଇଥିଲେ । ଏଥିରେ କାରଖାନାର ଅଧିକାରୀ ବିଘ୍ନେଶ୍ୱର ପଣ୍ଡା, ଗୁଲସନ୍ ତିୱାରୀ, ରଜତ୍ ମଜୁମଦାର, କ୍ୟାପଟେନ ଅନିର୍ବାନ୍ ବାନାର୍ଜୀ, ମନୋଜ ଶର୍ମା, ଶୁଭେନ୍ଦୁ ବିଶ୍ୱାସ ଓ ହେମରଞ୍ଜନ ପଟ୍ଟନାୟକ, ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ । ପରିଶେଷରେ ସମସ୍ତ ଅଭିଭାବମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମଟି ସି.ଏସ. ଅର୍ ବିଭାଗ ଦ୍ୱାରା କରାଯାଇଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଉଚ୍ଚ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମକୁ ମନୋରଞ୍ଜନ ବେହେରା ଓ ସି.ଏସ.ଆର ଟିମ୍ ଦ୍ୱାରା ଆୟୋଜନ ଓ ପରିଚାଳନା କରାଯାଇଥିଲା ।

# ଭୁବନେଶ୍ୱର -ଲୋକମାନ୍ୟ ତିଲକ ମଧ୍ୟରେ ସ୍ପେଶାଲ୍ ଟ୍ରେନ୍ ଚଳାଇବ ପୂର୍ବତଟ ରେଳପଥ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଯାତ୍ରୀମାନଙ୍କ ଯାତ୍ରାକୁ ସୁବିଧାଜନକ କରିବା ଏବଂ ଅତିରିକ୍ତ ଭିଡ଼କୁ ହ୍ରାସ କରିବା ପାଇଁ, ପୂର୍ବତଟ ରେଳପଥ, ଭୁବନେଶ୍ୱର ଏବଂ ଲୋକମାନ୍ୟ ତିଲକ ଟର୍ମିନସ୍ ମଧ୍ୟରେ ଏକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବାକୁ ନିଷ୍ପତି ନେଇଛି ।ଏହା କେବଳ ଗୋଟିଏ ପାର୍ଶ୍ୱରୁ ଅର୍ଥାତ ଭୁବନେଶ୍ୱର ଠାରୁ ଲୋକମାନ୍ୟ ତିଲକ ଟର୍ମିନସ୍ ମଧ୍ୟରେ ଯାତ୍ରା ସମାପ୍ତ କରିବ । ଟ୍ରେନ୍ ନମ୍ବର ୦୮୪୦୭ ଭୁବନେଶ୍ୱର-ଲୋକମାନ୍ୟ ତିଲକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ୨୬ ଜୁନ୍ ୨୦୨୬ ରେ (ଶୁକ୍ରବାର) ରାତି ୧୧ :୦୦ ଘଣ୍ଟାରେ ଭୁବନେଶ୍ୱରରୁ ଛାଡିବ ଏବଂ ୨୮ ଜୁନ୍, ୨୦୨୬ ରେ ସକାଳ ୦୯:୦୦ ଘଣ୍ଟାରେ ଲୋକମାନ୍ୟ ତିଲକରେ ପହଞ୍ଚିବ । କୋଚ୍ ସଂରଚନା - ଏସି ୨-ଟାୟାର୍ – ୦୩ କୋଚ୍ , ଏସି ୩-ଟାୟାର୍ – ୦୪ କୋଚ୍ , ସ୍ଲିପର କ୍ଲାସ – ୦୯ କୋଚ୍ , ଲଗେଜ୍-ସହ-ଜେନେରେଟର-ସହ-ବ୍ରେକ୍ ଭ୍ୟାନ୍ (ଦିବ୍ୟାଙ୍ଗ ଅନୁକୂଳ): ୦୨ କୋଚ୍ । ଯାତ୍ରୀମାନଙ୍କୁ ସମୟସୂଚୀ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁଯାୟୀ ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନର ସଦ୍ୟତମ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍ ପରିଦର୍ଶନ କରିପାରିବେ କିମ୍ବା ଅଫିସିଆଲ୍ ରେଳବାଇ ଅନୁସନ୍ଧାନ ସେବାର ବ୍ୟବହାର କରିପାରିବେ ।



# ପୁରୀରେ ହେବ ୧୦୦୦ ଆସନ ବିଶିଷ୍ଟ ଅତ୍ୟାଧୁନିକ ବହୁମୁଖୀ ସମ୍ମିଳନୀ କେନ୍ଦ୍ର : ନଗର ଉନ୍ନୟନ ମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁରୀର ଭିତ୍ତିଭୂମି ବିକାଶ ପାଇଁ ଗୁରୁବାର ଏକ ବଡ଼ ଘୋଷଣା କରିଛନ୍ତି ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର । ପୁରୀ ସହରରେ ୧୦୦୦ ଆସନ ବିଶିଷ୍ଟ ଅତ୍ୟାଧୁନିକ ବହୁମୁଖୀ ସମ୍ମିଳନୀ କେନ୍ଦ୍ର ନିର୍ମାଣ କରିଯିବ । ପୁରୀକୁ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଏବଂ ବୃହତ ଜନସମାବେଶ ପାଇଁ ଏକ ପ୍ରମୁଖ ସ୍ଥଳ ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ଏହି ସମ୍ମିଳନୀ କେନ୍ଦ୍ର ନିର୍ମାଣ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି ମନ୍ତ୍ରୀ । ପ୍ରସ୍ତାବିତ ପ୍ରକଳ୍ପକୁ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରିବା ଭଳି ସ୍ଥାନ ଭାବେ ପରିକଳ୍ପନା କରାଯାଇଛି । ଏଠାରେ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ, ଶିକ୍ଷାଗତ ତଥା ବୃତ୍ତିଗତ ଆଲୋଚନାଚକ୍ର, ସାଂସ୍କୃତିକ ମହୋତ୍ସବ, ସରକାରୀ କାର୍ଯ୍ୟକ୍ରମ ଏବଂ ସାମାଜିକ ସମାବେଶ ଆଦି ଆୟୋଜନ କରାଯାଇପାରିବ । ଏହି ପ୍ରକଳ୍ପ ଦ୍ୱାରା ପୁରୀରେ ଏକ ବୃହତ ଓ ଆଧୁନିକ ପ୍ରେକ୍ଷାଳୟର ବହୁ ପ୍ରତୀକ୍ଷିତ ଆବଶ୍ୟକତା ପୂରଣ ହେବ ବୋଲି ଆଶା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, 'ସହରର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଏବଂ ସହରାଞ୍ଚଳ ଭିତ୍ତିଭୂମି ତଥା ଜନସାଧାରଣଙ୍କ ସୁବିଧା ସୁଯୋଗକୁ ସୁଦୃଢ଼ କରିବା ଦିଗରେ ଏହି ସମ୍ମିଳନୀ କକ୍ଷ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ।' ଏହି ପ୍ରକଳ୍ପର ଶୀଘ୍ର ରୂପାୟନ ପାଇଁ ଆବଶ୍ୟକ ପ୍ରଶାସନିକ ପ୍ରକ୍ରିୟା ଏବଂ ପ୍ରାଥମିକ ପ୍ରସ୍ତୁତି କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରିବାକୁ ପୁରୀ ମହାନଗର ନିଗମର କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ବିଭିନ୍ନ ପୌରସଂସ୍ଥା ଗୁଡ଼ିକରେ ପର୍ଯ୍ୟାୟକ୍ରମେ ଏଭଳି ବହୁମୁଖୀ ଭିତ୍ତିଭୂମି ସୃଷ୍ଟି କରାଯିବ । ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ଓଡ଼ିଶାର ବିଭିନ୍ନ ପୌରସଂସ୍ଥା ଗୁଡ଼ିକରେ ପର୍ଯ୍ୟାୟକ୍ରମେ ଏଭଳି ବହୁମୁଖୀ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରୁଛନ୍ତି । ଏହି ପଦକ୍ଷେପ ସହରାଞ୍ଚଳର ସୁବିଧା ସୁଯୋଗକୁ ସୁଦୃଢ଼ କରିବ, ଗୋଷ୍ଠୀ ସହଭାଗିତାକୁ ପ୍ରୋତ୍ସାହିତ କରିବ ଏବଂ ଦ୍ରୁତ ଗତିରେ ବଢୁଥିବା ସହରାଞ୍ଚଳ ଜନସଂଖ୍ୟାର ଆବଶ୍ୟକତାକୁ ପୂରଣ କରିବ । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏକ ପ୍ରମୁଖ ଜନ କଲ୍ୟାଣକାରୀ ଭିତ୍ତିଭୂମି ଭାବେ ଉଭା ହେବ, ଯାହା ପୁରୀର ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ପର୍ଯ୍ୟଟନ ଗୌରବକୁ ଆହୁରି ବଢ଼ାଇବ । ଏହାସହ ଓଡ଼ିଶାର ସ୍ଥାୟୀ, ସମାବେଶୀ ଏବଂ ନାଗରିକ-କୈନ୍ଦ୍ରିକ ସହରୀ ବିକାଶର ପରିକଳ୍ପନାକୁ ସାକାର କରିବାରେ ବିଶେଷ ସହାୟକ ହେବ । ବିଭାଗ ପକ୍ଷରୁ ବିକଶିତ ଓଡ଼ିଶା ପାଇଁ ଜନ ଭାଗିଦାରୀ: ସଶକ୍ତ ନାଗରିକ - ସମାବେଶୀ ସହର – ସ୍ଥାୟୀ ସହରାଞ୍ଚଳ ଭବିଷ୍ୟତ" ଆଭିମୁଖ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସମ୍ପର୍କ କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ ଏହି ଘୋଷଣା କରିଛନ୍ତି ।

# ସୁସ୍ଥ ଜୀବନଯାପନ, ଉତ୍ତମ ଚିକିତ୍ସା ପଦ୍ଧତି ଦ୍ୱାରା ସୁସ୍ଥ ସମାଜ ଗଠନ ହୋଇପାରିବ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ୱାସ୍ଥ୍ୟ ହିଁ ପ୍ରକୃତ ସମ୍ପଦ । ଆମେ ସମସ୍ତେ ଏକଥା ଜାଣିଛେ । କିନ୍ତୁ କେତେଜଣ ବାସ୍ତବ ଜୀବନରେ ଏହାକୁ ଗୁରୁତ୍ୱ ଦିଅନ୍ତି ? ତେଣୁ ଆମକୁ ସୁସ୍ଥ ଜୀବନ ଯାପନ, ଉତ୍ତମ ଚିକିତ୍ସା ପଦ୍ଧତି ଓ ଶ୍ରେଷ୍ଠ ଚିକିତ୍ସା ସେବା ଉପରେ ଗୁରୁତ୍ୱଆରୋପ କରିବାକୁ ପଡିବ । ଏ ସବୁର ସମନ୍ୱୟରେ ଆମେ ଏକ ସୁସ୍ଥ ସମାଜ ଗଠନ କରିପାରିବା । ସମୃଦ୍ଧ ଓଡିଶା ଗଠନ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛୁ । ସାରା ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ବିକଶିତ ଭାରତ ଗଠନ ପଥରେ, ଆମେ ଅଗ୍ରସର ହେଉଛୁ । ଏହାର ମୂଳଭିତ୍ତି ହେଉଛି, ଏକ ସୁସ୍ଥ ଓଡିଶା, ଏକ ସୁସ୍ଥ ଭାରତ । ଓଡିଶା ସୁସ୍ଥ ନହେଲେ ସମୃଦ୍ଧ ହେବ ନାହିଁ । ଭାରତ ସୁସ୍ଥ ନହେଲେ, ବିକଶିତ ହେବ ନାହିଁ ବୋଲି ଟାଇମ୍‌ସ ହେଲ୍‌ଥ ଆଇକନ୍‌ସ ଓଡିଶା କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଟାଇମ୍‌ସ ଅଫ ଇଣ୍ଡିଆର ହେଲ୍‌ଥ ଆଇକନ୍ କାର୍ଯ୍ୟକ୍ରମ ଏକ ପ୍ରଶଂସନୀୟ ଉଦ୍ୟମ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେଉଁ ଡାକ୍ତର, ସ୍ୱାସ୍ଥ୍ୟ ବିଶେଷଜ୍ଞ, ହସ୍ପିଟାଲ ଏବଂ ସ୍ୱାସ୍ଥ୍ୟ ସେବା କର୍ମଚାରୀମାନେ ବୃତ୍ତିଗତ ଦକ୍ଷତା, ସେବା ଓ କର୍ତ୍ତବ୍ୟ ପରାୟଣତାର ଉଦାହରଣ ସୃଷ୍ଟି କରିଛନ୍ତି, ସେମାନଙ୍କୁ ସମ୍ମାନିତ କରିବା ଏକ ମହତ ଉଦ୍ୟମ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆମର ଭିଜନ୍ ହେଉଛି, ସ୍ୱାସ୍ଥ୍ୟ କ୍ଷେତ୍ରରେ ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରସିପ୍ ଜରିଆରେ ଓଡ଼ିଶାକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ହବ୍ ଭାବରେ ବିକଶିତ କରିବା । ଏ ଦିଗରେ ଆମର ଅଭିଯାନ ଆରମ୍ଭ ହୋଇସାରିଛି । ଏହି ଭିଜନ କାର୍ଯ୍ୟକାରୀ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନେଇ ଆମେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ ରିଜିଅନ୍‌ରେ ଏକ ବିଶ୍ୱସ୍ତରୀୟ ମେଡି-ସିଟି ସ୍ଥାପନ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଭୁବନେଶ୍ୱର, ୨୬ ଜୁନ୍, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ରୁକ୍ମିଣୀଙ୍କ ବିବାହ ନୀତି ସମ୍ପନ୍ନ : ୫ ଘଣ୍ଟା ଦର୍ଶନ ବନ୍ଦ

**ପୁରୀ, ୨୫/୦୬ ନ୍ୟୁଜ ବ୍ୟୁରୋ**

ଗୁରୁବାର ମହାପ୍ରଭୁ ଜଗନ୍ନାଥ ଓ ଦେବୀ ରୁକ୍ମିଣୀଙ୍କ ବିବାହ ନୀତି ଉପଲକ୍ଷେ ଉତ୍ସବ ମୁଖର ହୋଇଛି ଶ୍ରୀମନ୍ଦିର। ଶ୍ରୀମନ୍ଦିରରେ ପବିତ୍ର ଜ୍ୟେଷ୍ଠ ରୁକ୍ମିଣୀ ହରଣ ଏକାଦଶୀ ତିଥିରେ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ଓ ରୁକ୍ମିଣୀ (ଶ୍ରୀଦେବୀ)ଙ୍କ ବିବାହ ଉତ୍ସବ ପାରମ୍ପାରିକ ରୀତିନୀତିରେ ଅନୁଷ୍ଠିତ ହୋଇଥିଲା। ପ୍ରାତଃକାଳୀନ ପୂଜା ପରେ ଦକ୍ଷିଣ ଘରୁ ଶ୍ରୀକୃଷ୍ଣଙ୍କ ପ୍ରତିମା ଆଣି ଶ୍ରୀଜଗନ୍ନାଥଙ୍କ ପାଖରେ ରଖି ଆଜ୍ଞା ମାଗି ନନ୍ଦିଘୋଷରେ ସ୍ଥାପନ କରାଯାଇଥିଲା। ଏହି ଅବସରରେ ଗୁରୁବାର ଦିନ ୧ଟାରୁ ସନ୍ଧ୍ୟା ୬ଟା ଯାଏଁ ଦର୍ଶନ ବନ୍ଦ ରହିଥିଲା। ଏହି ତିଥିରେ ସକାଳ ଧୂପ ସମୟରେ ଦକ୍ଷିଣ ଘରେ ମଦନମୋହନଙ୍କ ବେଶ ଆରମ୍ଭ ହୋଇଥିଲା। ପୂଜାପଣ୍ଡା ସେବକମାନେ ସକାଳ ଧୂପ ଶେଷ ହୋଇ ପାଣି ପଡ଼ିବା ପରେ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଶ୍ରୀଦେବୀଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ମହାଜନ ସେବକ ଶ୍ରୀଦେବୀଙ୍କୁ ହସ୍ତରେ ନେଇ ସାତ ପାହାଚ ନିକଟରେ ଥିବା ସୁସଜ୍ଜିତ ପାଲିଙ୍କିରେ ବିଜେ କରିଥିଲେ। ପାଲିଙ୍କିକୁ କାନ୍ଧରେ ନେଇ ବିମାନବଡୁ ସେବକମାନେ ମହାଲକ୍ଷ୍ମୀଙ୍କ ମନ୍ଦିର ନିକଟରେ ରଖିଥିଲେ। ସେଠାରୁ ଶ୍ରୀଦେବୀଙ୍କୁ ସେବକମାନେ ହାତରେ ବିଜେ କରାଇ ମହାଲକ୍ଷ୍ମୀଙ୍କ ମନ୍ଦିରର ଜଗମୋହନରେ ପଡ଼ିଥିବା ଖଟ ଶେଯ ଉପରେ ବିଜେ କରିଥିଲେ। ଭଣ୍ଡାର ମେକାପ ଦେଇଥିବା ଅଳଙ୍କାର ଶ୍ରୀଦେବୀଙ୍କୁ ଅଳଙ୍କୃତ କରାଇବା ପୂର୍ବରୁ ତାଙ୍କୁ ପଞ୍ଚାମୃତରେ ମହାସ୍ନାନ, ମାଜଣା ଓ ବନକଲାଗି କରାଯାଇଥିଲା। ଅଳଙ୍କାର ଅଳଙ୍କୃତ ହେବା ପରେ ମହାଲକ୍ଷ୍ମୀଙ୍କ ବିଶ୍ୱସ୍ତ ତଢାଉ କରଣ ତାଳପତ୍ର ଓ ଲେଖନୀ ନେଇ ସେଠାରେ ପହଞ୍ଚିଥିଲେ। ଭିତରଛ ମହାପାତ୍ର ଉକ୍ତ ତାଳପତ୍ର ଓ ଲେଖନୀକୁ ଶ୍ରୀଦେବୀଙ୍କ ଶ୍ରୀହସ୍ତ ସ୍ପର୍ଶ କରାଇ ତଢାଉ କରଣ ସେବକଙ୍କୁ ଦେଇଥିଲେ। ସେ ରୁକ୍ମିଣୀଙ୍କ ମନୋଭାବ ତାଳପତ୍ରରେ ଲେଖି ମହାପ୍ରଭୁଙ୍କ ନିକଟକୁ ପଠାଇଥିଲେ। ଦକ୍ଷିଣ ଘରେ ମହାପ୍ରଭୁ ମଦନମୋହନଙ୍କ ବେଶ ଶେଷ ହେବା ପରେ ରତ୍ନସିଂହାସନକୁ ବିଜେ କରିଥିଲେ। ଏହାପରେ ଭିତରେ ଆଲଟ ଲାଗି ହୋଇ ଦ୍ୱାର ବନ୍ଦ ରହିଥିଲା। ଭିତରଛ ମହାପାତ୍ର ତାଳପତ୍ରରେ ଲେଖାଥିବା ଚିଟାଉଟା ନେଇ ଚନ୍ଦନରେ ଶ୍ରୀଦେବୀଙ୍କ (ରୁକ୍ମିଣୀ) ଶ୍ରୀହସ୍ତ ମୁଦ୍ କରିଥିଲେ। ତାହାପରେ ଜଣେ ସେବକ ବିପ୍ରବ୍ରାହ୍ମଣ ରୂପେ ଚିଟାଉ ନେଇ ଘଣ୍ଟ, ଛତା ଓ କାହାଳୀ ସହ ଜୟ ବିଜୟ ଦ୍ୱାର ଠାରେ ଅପେକ୍ଷା କରିଥିବା ମଦନମୋହନଙ୍କ ନିକଟରେ ପହଞ୍ଚିବା ପରେ ପୂରାଣ ପଣ୍ଡା, ପୂଜା ପଣ୍ଡା ଓ ପାଳିଆ ଖୁଣ୍ଟିଆ ସେବାୟତମାନଙ୍କ ଉପସ୍ଥିତିରେ ବଚନିକାମନ ହୋଇଥିଲା। ଶ୍ରୀମନ୍ଦିରରେ ରୁକ୍ମିଣୀ ବିବାହ ଉତ୍ସବ ଅନୁଷ୍ଠିତ ହେଉଥିବାରୁ ଶ୍ରୀମଦନମୋହନ ଓ ଶ୍ରୀଦେବୀ ଜଳକ୍ରୀଡ଼ା ଉତ୍ସବକୁ ବିଜେ ନ ହୋଇ କେବଳ ଶ୍ରୀଦୋଳଗୋବିନ୍ଦ ବିଜେ ହୋଇଥିଲେ। ଜଳକ୍ରୀଡ଼ା ଶେଷ ହେଲା ପରେ ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଓ ସନ୍ଧ୍ୟା ଆଳତି ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଓ ଶ୍ରୀଦେବୀଙ୍କ ଅର୍ଥାତ୍ ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କ ଶ୍ରୀମନ୍ଦିର ବିବାହ ମଣ୍ଡପ (ମାଜଣା ମଣ୍ଡପ) ଖଟକୁ ବିଜେ ହୋଇ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଧୂପ ପୂଜା ସମୟରେ ଶ୍ରୀମନ୍ଦିରର ଏହି ବିବାହ ମଣ୍ଡପରେ ବିବାହ ଉତ୍ସବ ଆରମ୍ଭ ହୋଇଥିଲା। ବନ୍ଦାପନା ଓ ଚାମର ଆଲଟ କରାଯିବା ପରେ ପ୍ରଭୁ ଓ ଦେବୀଙ୍କୁ ମହାସ୍ନାନ କରାଯାଇଥିଲା। ଏହାପରେ ନୂଆ ଲୁଗା ଲାଗି କରାଯାଇ ସର୍ବାଙ୍ଗ ଚନ୍ଦନ ଲାଗି କରାଯାଇଥିଲା। ପତି ମହାପାତ୍ର, ପୂଜା ପଣ୍ଡା, ମୁଦିରସ୍ତ ଓ ଭିତରଛ ମହାପାତ୍ର ସେବାୟତମାନେ ବିବାହ ସାମଗ୍ରୀମାନ ଗ୍ରହଣ କରି ସଂକଳ୍ପ ବାକ୍ୟ ଅନୁସାରେ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ବିବାହ କାର୍ଯ୍ୟ ଶେଷ ପରେ ବିବାହ ମଣ୍ଡପରେ ବନ୍ଦାପନା କରାଯାଇ ନବଦମ୍ପତିଙ୍କୁ ରତ୍ନ ସିଂହାସନକୁ ବିଜେ କରାଯାଇଥିଲା। ଏହା ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ପାଳିତ ହୋଇଥିଲା।

# ରଥରେ ବସିଲା ଖପୁରି : ପଡ଼ିଲା ୬ ନମ୍ବର ହରିବୋଲ



**ପୁରୀ, ୨୫/୦୬ ନ୍ୟୁଜ ବ୍ୟୁରୋ**

ତିନି ରଥରେ ପାରାଭାଡ଼ି ଉଠାଇ ଖପୁରି ସ୍ଥାପନ କରିଛନ୍ତି ନିର୍ମାଣକାରୀ । ୧୩ ପରସ୍ତ ପୋଟଳ ମଧ୍ୟରୁ ସର୍ବୋଚ୍ଚ ସ୍ତର ହେଉଛି ଖପୁରି । ସେଥିରେ ଲାଗିଛି କଳସ ଡାଙ୍ଗିଆ । ଏଥିରେ ବସିବ କଳସ। ଏପଟେ ରଥଖଳାରେ ଚକା କାମ ଆରମ୍ଭ ହୋଇଛି । ଚକା ବେଦିରେ ଠାକୁରେ ବିଜେ ହୁଅନ୍ତି । ବେଦି କାମ ପାଇଁ ରଥକୁ ଉଠିଛି ଜଗତପୃଷ୍ଠ ଶେଣୀ । ନିର୍ମାଣକାରୀମାନେ ଉଭୟ ଖଳା ଓ ରଥରେ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି । ବଡ଼ ପୋଟଳ ଉପରେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ପରସ୍ତ ପୋଟଳ ରଖାଗଲା । ଏହା ଉପରେ ପାରାଭାଡ଼ି ଉଠିଲା । ୬ଷ୍ଠ ଓ ସପ୍ତମ ପରସ୍ତ ପୋଟଳକୁ ଯୋଡ଼ାଯାଇ ପାରାଭାଡ଼ି ହୋଇଥିଲା । ମଝିରେ ପଟା ଦିଆଯାଇ ସଂଯୁକ୍ତ କରିବା ପରେ ଚତୁଃପାର୍ଶରେ ଚିତ୍ରକରମାନେ ପାରା ପଲ ଚିତ୍ର କରିଥିଲେ । ପରେ ଚାରି ଖଣ୍ଡ କରି ଏହାକୁ ରଥ ଉପରକୁ ଟେକା ଯାଇ ସଂଯୋଗ କରାଗଲା । ଭୋଇ ସେବକମାନେ ଏହାକୁ ନେଇ ରଥ ଉପରେ ସ୍ଥାପନ କରିଥିଲେ । ପରେ ଆଉ ୫ପରସ୍ତ ପୋଟଳ ଉଠାଇ ଶେଷରେ ଖପୁରି ସ୍ଥାପନ ହେଲା । ପରେ ପଡ଼ିଲା ୬ ନମ୍ବର ହରିବୋଲ । ମହାପ୍ରଭୁଙ୍କ ସିଂହାସନ କାମ ଚାଲିଛି । ରଥରେ ରଙ୍ଗ କାର୍ଯ୍ୟ ଚାଲିଛି । ଚକ, ଦଣ୍ଡା ଓ ଯୋକା ଆଦିରେ ରଙ୍ଗ ଦିଆଯାଉଛି । ରୂପକାରମାନେ ରଥରେ ମୂର୍ତ୍ତି ଖୋଦେଇରେ ଲିପ୍ତ । ଓଝା ସେବକମାନେ ଅସ୍ଥାୟୀ ଶାଳରେ କଣ୍ଟା ପ୍ରସ୍ତୁତ କରୁଛନ୍ତି । ତାଳଧ୍ୱଜର ମୁଖ୍ୟ ବିଶ୍ୱକର୍ମା ନରସିଂହ ମହାପାତ୍ର, ନନ୍ଦିଘୋଷର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର ଓ ଦେବଦଳନର ମୁଖ୍ୟ ବିଶ୍ୱକର୍ମା ନାରାୟଣ ମହାରଣାଙ୍କ ନିର୍ଦ୍ଦେଶରେ ରଥ କାମ ଆଗେଇ ଚାଲିଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ରଥ କାର୍ଯ୍ୟରେ ନିୟୋଜିତ ଅଛନ୍ତି ।

# ଟାଇମ୍ସ ହାୟର ଏଜୁକେସନ ସଷ୍ଟେନେବିଲିଟି ଇମ୍ପାକ୍ଟ ର୍ୟାଙ୍କିଂରେ କିସ୍‌ର ପ୍ରଭାବୀ ପ୍ରଦର୍ଶନ



**ଭୁବନେଶ୍ୱର, ୨୫।୬ ନ୍ୟୁଜ ବ୍ୟୁରୋ**

ଟାଇମ୍ସ ହାୟର ଏଜୁକେସନ୍ ସଷ୍ଟେନେବିଲିଟି ଇମ୍ପାକ୍ଟ ର୍ୟାଙ୍କିଂ-୨୦୨୬ରେ ଭାରତର ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ କିସ୍ ପ୍ରଭାବୀ ପ୍ରଦର୍ଶନ କରିଛି । କିସ୍ ବିଶ୍ୱବିଦ୍ୟାଳୟ ଚଳିତବର୍ଷ ପ୍ରଥମ ଥର ପାଇଁ ସଷ୍ଟେନେବିଲିଟି ଇମ୍ପାକ୍ଟ ର୍ୟାଙ୍କିଂରେ ଅଂଶଗ୍ରହଣ କରି ୪୦୧-୬୦୦ ଗ୍ଲୋବାଲ୍ ବ୍ୟାଣ୍ଡରେ ସ୍ଥାନ ପାଇ ରାଜ୍ୟର ଗୌରବ ଆଣିଛି । ଏହା ସହ ଭାରତରେ ସାମଗ୍ରିକ ଭାବରେ ୭ମ ସ୍ଥାନ ହାସଲ କରିଛି । ପ୍ରଥମ ଥର ପାଇଁ ଏହି ପ୍ରତିଷ୍ଠିତ ଗ୍ଲୋବାଲ୍ ର୍ୟାଙ୍କିଂରେ ଅଂଶଗ୍ରହଣ କରି କିସ୍ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ରେ ସ୍ୱୀକୃତି ପାଇଛି। ଏହି ତାଲିକାର ଗୁଣାତ୍ମକ ଶିକ୍ଷା ବର୍ଗରେ କିସ୍ ବିଶ୍ୱ ର୍ୟାଙ୍କର ୯୦ ସ୍ଥାନରେ ରହିଥିବା ବେଳେ ଲିଙ୍ଗ ସମାନତାରେ ୬୦ ସ୍ଥାନ ହାସଲ କରିଛି। ସେହିପରି ଦାରିଦ୍ର୍ୟ ଦୂରୀକରଣରେ ୧୦୧-୨୦୦ ଗ୍ଲୋବାଲ୍ ବ୍ୟାଣ୍ଡରେ ସ୍ଥାନ ପାଇଥିବା ବେଳେ ଅସମାନତା ହ୍ରାସ ପାଇଁ ୪୦୧-୬୦୦ ବ୍ୟାଣ୍ଡରେ ମଧ୍ୟ ସ୍ଥାନ ପାଇଛି। ଜନଜାତି ଓ ଅବହେଳିତ ଛାତ୍ରଛାତ୍ରୀଙ୍କୁ ବିନାଦେୟରେ ସାମଗ୍ରିକ ଶିକ୍ଷା ପ୍ରଦାନ କରି ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ କିସ୍‌ର ଦୀର୍ଘକାଳୀନ ପ୍ରତିବଦ୍ଧତା ପାଇଁ ଏହି ର୍ୟାଙ୍କିଂ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ଟାଇମ୍ସ ହାଇୟର ଏଜୁକେସନ୍ ବିଶ୍ୱବିଦ୍ୟାଳୟଗୁଡ଼ିକର ଗ୍ଲୋବାଲ୍ ର୍ୟାଙ୍କିଂ କରିବା ବ୍ୟତୀତ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଆଧାରରେ କେଉଁ ସବୁ ବିଶ୍ୱବିଦ୍ୟାଳୟ କେତେ ପରିମାଣରେ ସାମାଜିକ ପ୍ରଭାବ ସୃଷ୍ଟି କରିଛନ୍ତି ତା' ଉପରେ ମଧ୍ୟ ର୍ୟାଙ୍କିଂ କରିଥାଏ। ସେହି ଆଧାରରେ କିସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ କିସ୍ ଭଲ ର୍ୟାଙ୍କ ପ୍ରଦର୍ଶନ କରିଛି। ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଛନ୍ତି କିସ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଇମ୍ପାକ୍ଟ ର୍ୟାଙ୍କିଂରେ ଚମତ୍କାର ପ୍ରଦର୍ଶନ କରିଛି। ଏହି ମାନ୍ୟତା ଅନ୍ତର୍ଭୁକ୍ତି ଶିକ୍ଷା, ସାମାଜିକ ପରିବର୍ତ୍ତନ ଏବଂ ସ୍ଥାୟୀ ବିକାଶ ପ୍ରତି କିସ୍ ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ଡ. ସାମନ୍ତ କହିଛନ୍ତି।

# ସରକାରୀ କଲେଜ ଭଳି ହୋଇପାରିବନି ଘରୋଇ ମେଡିକାଲ କଲେଜ ଫି' : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୫।୬**

ଘରୋଇ ମେଡିକାଲ କଲେଜଗୁଡ଼ିକୁ ସରକାରୀ କଲେଜ ଭଳି ଫି' ନେବାକୁ ବାଧ୍ୟ କରାଯାଇ ପାରିବ ନାହିଁ । ବେସରକାରୀ କଲେଜ ସରକାରୀ କଲେଜ ଭଳି ହୋଇପାରିବ ନାହିଁ । ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି । ତତ୍‌ସହିତ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍)ର ଆୟ ସୀମା ଏବଂ ଘରୋଇ ମେଡିକାଲ କଲେଜରେ ଫି' ଡାଞ୍ଚାକୁ ଚ୍ୟାଲେଞ୍ଜ କରି ଆଗତ ଏକ ପିଟିସନକୁ ଖାରଜ କରିଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ପିଟିସନରେ ଇଡବ୍ଲ୍ୟୁଏସ୍ ବର୍ଗ ପାଇଁ ବାର୍ଷିକ ୮ ଲକ୍ଷ ଟଙ୍କା ଆୟ ସୀମା ରଖାଯିବା ଏବଂ ଘରୋଇ ମେଡିକାଲ କଲେଜରେ ବିପୁଳ ଫି' ଭରିବାକୁ ନେଇ ପ୍ରଶ୍ନ ଉଠାଯାଇଥିଲା। ଇଡବ୍ଲ୍ୟୁଏସ୍ କୋଟାରେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହେଉଥିବା ଅନେକ ଛାତ୍ରଛାତ୍ରୀ ଏମ୍‌ବିବିଏସ୍ କୋର୍ସ ଖର୍ଚ୍ଚ ଉଠାଇ ପାରୁନାହାନ୍ତି, କାରଣ ଏହାର ବାର୍ଷିକ ଫି' ପ୍ରାୟ ୧୯ ଲକ୍ଷରୁ ୨୫ ଲକ୍ଷ ଟଙ୍କା ରହୁଥିବା ପିଟିସନରେ କୁହାଯାଇଥିଲା। ତେବେ ଘରୋଇ ମେଡିକାଲ କଲେଜ ଫି' ର ଢାଞ୍ଚା ବଦଳାଯିବା ଠିକ୍ ନୁହେଁ ବୋଲି ପୂର୍ବରୁ ରାଜସ୍ଥାନ ହାଇକୋର୍ଟ ଦେଇଥିବା ରାୟରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । ଜଷ୍ଟିସ୍ ବି ଭି ନାଗରତ୍ନା ଓ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚିଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କ ନିଷ୍ପତ୍ତିକୁ କାଏମ ରଖିଛନ୍ତି, ଯେଉଁଥିରେ ରାଜ୍ୟ ଶୁଳ୍କ ନିୟାମକ କମିଟି ଦ୍ୱାରା ଧାର୍ଯ୍ୟ ଶୁଳ୍କ ଢାଞ୍ଚାକୁ ଆଇନତଃ ବୈଧ ଦର୍ଶାଯାଇଥିଲା । ବେସରକାରୀ ମେଡିକାଲ କଲେଜଗୁଡ଼ିକରେ ମାତ୍ରାଧିକ ଫି' ନିଆଯାଉଥିବା କହି ପିଟିସନର ଯୁକ୍ତି ରଖିଥିଲେ ଯେ, ଯେତେବେଳେ ଇଡବ୍ଲ୍ୟୁଏସ୍ ବର୍ଗର ବାର୍ଷିକ ଆୟ ସୀମା ୮ ଲକ୍ଷ ଟଙ୍କା ସେତେବେଳେ ସେମାନେ କିଭଳି ବର୍ଷକୁ ୧୮ ଲକ୍ଷରୁ ୨୫ ଲକ୍ଷ ଟଙ୍କା ଫି' ଦେଇପାରିବେ। ଏତେ ଫି' ହେବା ଯୋଗୁ ସଂରକ୍ଷଣ ପାଇଁ ଯୋଗ୍ୟ ହୋଇଥିଲେ ବି ଅନେକ ଇଡବ୍ଲ୍ୟୁଏସ୍ ପ୍ରାର୍ଥୀ ମେଡିକାଲ ପାଠ ପଢ଼ିପାରୁ ନାହାନ୍ତି । ଏହା ଉପରେ ସୁପ୍ରିମକୋର୍ଟ ଖଣ୍ଡପୀଠ କହିଥିଲେ, ବେସରକାରୀ ଏବଂ ସରକାରୀ ଶିକ୍ଷାନୁଷ୍ଠାନର ଆର୍ଥିକ ମଡେଲ ଭିନ୍ନ। ତେଣୁ ସେମାନଙ୍କ ଉପରେ ଏକା ଭଳି ଫି' ଷ୍ଟ୍ରକଚର ଲାଗୁ ହୋଇପାରିବ ନାହିଁ। ସରକାରୀ କଲେଜଗୁଡ଼ିକ ସରକାରଙ୍କଠାରୁ ଅନୁଦାନ ପାଇଥାନ୍ତି। କିନ୍ତୁ ଘରୋଇ କଲେଜ ତାହା ପାଇ ନ ଥାନ୍ତି । ସେମାନେ ନିଜ ବ୍ୟବସ୍ଥା ନିଜେ କରିଥାନ୍ତି । ଖଣ୍ଡପୀଠ ଆହୁରି କହିଛନ୍ତି, ବେସରକାରୀ ମେଡିକାଲ କଲେଜଗୁଡ଼ିକର ଫି' ସରକାରୀ କଲେଜ ଭଳି କରାଗଲେ ଚିକିତ୍ସା କ୍ଷେତ୍ରରେ ସେମାନଙ୍କ ଯୋଗଦାନ ହ୍ରାସ ପାଇବ । ଯେଉଁ ଛାତ୍ରଛାତ୍ରୀ ବେସରକାରୀ ମେଡିକାଲ କଲେଜର ଫି' ଦେବାକୁ ଅସମର୍ଥ ସେମାନେ ବୃତ୍ତି, ସବ୍‌ଭେନସନ (ଆର୍ଥିକ ସହାୟତା) କିମ୍ବା ଅନ୍ୟାନ୍ୟ ସହଯୋଗର ବିକଳ୍ପ ଖୋଜି ପାରିବେ। ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ କହିଥିଲେ, ମେଡିକାଲ କଲେଜଗୁଡ଼ିକରେ ସିଟ୍ ସଂଖ୍ୟା ବୃଦ୍ଧି ସମ୍ପର୍କିତ ନିୟମ ଯୋଗୁ କେତେକ ସିଟ୍‌କୁ ସାଧାରଣ ବର୍ଗର ସିଟ୍‌ରେ ପରିଣତ କରିବାକୁ ଅନୁମତି ମିଳୁଛି, ଯାହା ଶିକ୍ଷାର ସୁଲଭତା ଏବଂ ସୁଯୋଗ ପାଇବା ନେଇ ଚିନ୍ତା ବଢ଼ାଉଛି । ଏ ନେଇ ଜଷ୍ଟିସ୍ ନାଗରତ୍ନା କହିଲେ, ନାମଲେଖା ପାଇଁ କ୍ୟାପିଟେସନ ଫି' ବେଆଇନ । କିନ୍ତୁ ଏହାର ଅର୍ଥ ନୁହେଁ ଯେ, ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ସରକାରୀ କଲେଜ ସହ ସମାନ ଫି' ନେବାକୁ ବାଧ୍ୟ ହେବେ। ଏପରି ହେଲେ ବେସରକାରୀ ଶିକ୍ଷାନୁଷ୍ଠାନ ସେମାନଙ୍କ ଅନୁଷ୍ଠାନ ବନ୍ଦ କରି ଅନ୍ୟ ବ୍ୟବସାୟ ଆଡ଼କୁ ଚାଲିଯିବେ। ଦେଶରେ ଅଧିକ ଡାକ୍ତରଙ୍କ ଆବଶ୍ୟକତା ରହିଛି । ଦେଶର ଚିକିତ୍ସା ଶିକ୍ଷା କ୍ଷମତା ବୃଦ୍ଧି କରିବାରେ ବେସରକାରୀ ମେଡିକାଲ କଲେଜଗୁଡ଼ିକର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହାପରେ ସୁପ୍ରିମକୋର୍ଟ ପିଆଇଏଲ୍ ଖାରଜ କରିଦେବା ସହ ହାଇକୋର୍ଟଙ୍କ ଆଦେଶରେ ହସ୍ତକ୍ଷେପ କରିବାକୁ ମନା କରି ଦେଇଥିଲେ । ତେବେ ଏହି ମାମଲାରେ ଅନେକ ଆଇନଗତ ପ୍ରସଙ୍ଗ ଅଛି ଯାହା ଏବେ ଅବୁଝା ହୋଇ ରହିଛି। ଏହା ଉପରେ ଯଦି କୌଣସି ଆଇନଗତ ପ୍ରଶ୍ନ ଥାଏ ତେବେ ତାହାର ବିଚାର ଅଦାଲତ କରିପାରିବେ ବୋଲି ସୁପ୍ରିମକୋର୍ଟ ଦର୍ଶାଇଥିଲେ ।



# କଳାହାଣ୍ଡିର ସର୍ବାଙ୍ଗୀନ ବିକାଶ ଉପରେ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ଗୁରୁତ୍ୱ ଦେଇଛି : ସୁରେଶ ପୂଜାରୀ

**ଭବାନୀପାଟଣା, ୨୫/୦୬ ନ୍ୟୁଜ ବ୍ୟୁରୋ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କଳାହାଣ୍ଡି ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ଭବାନୀପାଟଣା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଏହି ଅବସରରେ ରାଜସ୍ୱ କାର୍ଯ୍ୟ, ଭୂମି ଅଧିଗ୍ରହଣ, ପୁନଃ-ସ୍ଥାପନ ଏବଂ ପୁନର୍ବାସ ସମ୍ବନ୍ଧୀୟ କାର୍ଯ୍ୟ ଗୁଡ଼ିକର ଅଗ୍ରଗତି ନେଇ ମନ୍ତ୍ରୀ ସମୀକ୍ଷା କରିଥିଲେ। ଏଥିସହ ରାଜସ୍ୱ ମନ୍ତ୍ରୀ ବିଭିନ୍ନ ତହସିଲରୁ ଆସିଥିବା ୮୫ ଜଣ ହିତାଧିକାରୀଙ୍କୁ ବସୁନ୍ଧରା ପଟ୍ଟା, ୬୩ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ଓ ୩୯ଟି ସ୍କୁଲ ପଟ୍ଟା ବଣ୍ଟନ କରିଥିଲେ।

ଲୋକମାନଙ୍କ ସମସ୍ୟାର ସଠିକ୍ ସମାଧାନ ସହ ସମସ୍ତ ସରକାରୀ ବ୍ୟବସ୍ଥା ନିର୍ଦ୍ଧାରିତ ସମୟ ମଧ୍ୟରେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଜସ୍ୱ ସେବାକୁ ଅଧିକ ଲୋକାଭିମୁଖୀ କରିବା ସହ ଆଦିବାସୀ ଓ ଗ୍ରାମାଞ୍ଚଳର ଲୋକଙ୍କ ଅଧିକାର ସୁରକ୍ଷା ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଓ ବିକାଶମୂଳକ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ମନ୍ତ୍ରୀ ଶ୍ରୀ ପୁଜାରୀ ବୈଠକରେ କହିଥିଲେ । ଏହି ସମୀକ୍ଷା ବୈଠକରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ବୈତୁରା ଦୀପ, ବିଭିନ୍ନ ପ୍ରମୁଖ ବିଧାୟକଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୨୫/୦୬/୨୦୨୬
୫,୦୧,୯୪୨/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ୬୩ଗ୍ରାମ୍ ୩୦୦ ମିଲିଗ୍ରାମ

# ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ହେବିଅସ୍ କର୍ପସକୁ କରାଯାଉଛି ଅସ୍ତ୍ର : ଆବେଦନକାରୀଙ୍କ ଉପରେ ୫୦ ହଜାର ଜରିମାନା

**କଟକ, ୨୫/୦୬ ନ୍ୟୁଜ ବ୍ୟୁରୋ**

ହେବିଅସ୍ କର୍ପସ ମାମଲାକୁ ବ୍ୟକ୍ତିଗତ ସ୍ୱାର୍ଥ ପୂରଣ ପାଇଁ ଏକ ଅସ୍ତ୍ର ଭାବେ ଅନେକ ସମୟରେ ବ୍ୟବହାର କରିବା ଲାଗି ଉଦ୍ୟମ କରାଯାଉଛି। ପ୍ରତିପକ୍ଷଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ଏଭଳି ମାମଲାର ଆଶ୍ରୟ ନିଆଯାଉଛି ବୋଲି ହାଇକୋର୍ଟ ମତ ଦେବା ସହ ଆବେଦନକାରୀ ସ୍ୱାମୀଙ୍କ ଉପରେ ୫୦ ହଜାର ଟଙ୍କାର ଜରିମାନା କରିଛନ୍ତି । ଆବେଦନକାରୀ ସ୍ୱାମୀ ଲମ୍ବୋଦର ପାତ୍ର ବୈବାହିକ ମନୋମାଳିନ୍ୟରୁ ଘର ଛାଡ଼ି ଚାଲିଯାଇଥିବା ପତ୍ନୀଙ୍କୁ ଫେରାଇ ଆଣିବା ଲାଗି ଏଭଳି ଏକ ମାମଲା ହାଇକୋର୍ଟରେ ରୁଜୁ କରିଥିଲେ । ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି ଅବସରରେ ପତ୍ନୀମାନେ ସ୍ୱାମୀଙ୍କ ସମ୍ପତ୍ତି ନୁହନ୍ତି ବୋଲି ମତ ଦେବା ସହ ଆବେଦନକାରୀଙ୍କ ପିଟିସନ୍‌କୁ ଖାରଜ କରି ଦେଇଛନ୍ତି। ଆବେଦନକାରୀ ହାଇକୋର୍ଟରେ ଏକ ପିଟିସନ୍ ରୁଜୁ କରି ତାଙ୍କ ପତ୍ନୀଙ୍କୁ ଖୋଜି ଆଣିବା ପାଇଁ ପ୍ରାର୍ଥନା କରିଥିଲେ । କିନ୍ତୁ ମାମଲାର ଶୁଣାଣି ଅବସରରେ ହାଇକୋର୍ଟ ଜାଣିବାକୁ ପାଇଥିଲେ ଯେ, ପତି-ପତ୍ନୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇ ପତ୍ନୀ ଘର ଛାଡ଼ି ଚାଲିଯାଇଛନ୍ତି । ତେଣୁ ହାଇକୋର୍ଟ ଏଭଳି ଏକ ଘଟଣାକୁ ଅପହରଣର ରୂପ ଦିଆଯାଇ ପାରିବ ନାହିଁ ବୋଲି ମତ ଦେଇଛନ୍ତି। ହାଇକୋର୍ଟ କହିଛନ୍ତି ଯେ, ପତ୍ନୀ ସାବାଳିକା। ସେ ନିଜ ନିଷ୍ପତ୍ତି ନେଇପାରିବେ । ତେଣୁ ପତ୍ନୀଙ୍କୁ ସ୍ୱାମୀଙ୍କ ସମ୍ପତ୍ତି ବୋଲି କୁହାଯାଇ ପାରିବ ନାହିଁ । ଯଦି ପତ୍ନୀ ସ୍ୱାମୀଙ୍କୁ ଛାଡ଼ି ଯିବାକୁ ଚାହୁଁଛନ୍ତି ସେ କ୍ଷେତ୍ରରେ ହାଇକୋର୍ଟ ତାଙ୍କ ଅଦାଲତରେ କିମ୍ବା ତାଙ୍କ ସ୍ୱାମୀଙ୍କ ଘରେ ହାଜର ହେବାକୁ କହିପାରିବେ ନାହିଁ । ପତ୍ନୀ ନିଜ ଇଚ୍ଛାରେ ଘର ଛାଡ଼ି ଯାଇଥିବା ଆବେଦନକାରୀଙ୍କ ପିଟିସନ୍‌ରୁ ଜଣାପଡୁଛି। କିନ୍ତୁ ଆବେଦନକାରୀ ଠିକ ଉଦ୍ଦେଶ୍ୟରେ ଅଦାଲତକୁ ଆସି ନଥିବାରୁ ହାଇକୋର୍ଟ ତାଙ୍କ ଉପରେ ୫୦ ହଜାର ଟଙ୍କା ଜରିମାନା ଲାଗୁ କରିଛନ୍ତି। ଏହି ଜରିମାନା ଅର୍ଥ ଦୁଇ ସପ୍ତାହ ମଧ୍ୟରେ ରାଜ୍ୟ ଆଇନସେବା ପ୍ରାଧିକରଣରେ ଜମା କରାଯିବ। ଏହି ଅର୍ଥକୁ ବାଳ ଅପରାଧୀଙ୍କ କଲ୍ୟାଣ କ୍ଷେତ୍ରରେ ବିନିଯୋଗ କରାଯିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି।







**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


# ୧ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ

**ଆଠଗଡ଼, ୨୫/୦୬ ନ୍ୟୁଜ ବ୍ୟୁରୋ**

ଆଠଗଡ଼ ଅଞ୍ଚଳ ପାଲଟି ଯାଇଛି ବେଆଇନ ନକଲି ଦେଶୀ ବିଦେଶୀ ମଦ ଗଞ୍ଜେଇ ମାଫିଆଙ୍କ ଫେଭ୍ ସ୍ଥଳୀ। ସ୍ଥାନୀୟ ଅବକାରୀ ବିଭାଗ, ଭ୍ରମ୍ୟମାଣ ଅବକାରୀ, କେନ୍ଦ୍ରୀୟ ଅବକାରୀ ବିଭାଗ ସହିତ ସ୍ଥାନୀୟ ପୋଲିସ ପ୍ରଶାସନ ସାଜିଛନ୍ତି ନିରବ ଦ୍ରଷ୍ଟା। ଫଳରେ ଦୀର୍ଘ ଦିନ ଧରି ଆଠଗଡ଼ ଅଞ୍ଚଳ ପାଲଟିଯାଇଛି ଗଞ୍ଜେଇ ଚାଲାଣ ହବ୍। ଗୁରୁବାର ସ୍ପଷ୍ଟ ଦିବାଲୋକରେ ଗାଡ଼ିରେ ଆସି ବସ୍ତା ବସ୍ତା ଗଞ୍ଜେଇ ଅନଲୋଡ଼ ହୋଇଥିଲା ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁର ମୁଖ୍ୟ ରାସ୍ତା କୁଣ୍ଡମୁଣ୍ଡିଆ ଗଡା ତଳେ ଥିବା ବାଉଁଶ ବୁଦା ମୂଳରେ। ପୂର୍ବରୁ ସୂଚନା ପାଇଁ ଭୁବନେଶ୍ୱର ଏସ୍‌ଟିଏଫ୍‌ର ୧୦ ଜଣିଆ ଟିମ୍ ଚଢ଼ଉ କରି ୮ ବସ୍ତା ଗଞ୍ଜେଇ ଯାହାର ପରିମାଣ ୧ କୁଇଣ୍ଟାଲ ୯୨ କେଜି ୭୫୦ ଗ୍ରାମ୍ ସହିତ ଗଞ୍ଜେଇ ଚାଲାଣକାରୀ ଗଞ୍ଜେଇ ମାଫିଆ ଫୁଲବାଣୀ ଥାନା ଅଞ୍ଚଳ ଫିରିଙ୍ଗିଆ ଗ୍ରାମର ଖଗେଶ୍ୱର କହଁରଙ୍କ ପୁଅ ନୀଳାମ୍ବର କହଁର (୪୮)କୁ ଗିରଫ କରିଥିବା ସୂଚନା ଦେଇଥିଲେ ଏସ୍‌ଟିଏଫ୍ ଟିମ। ଘଟଣାରୁ ପ୍ରକାଶ ଦୀର୍ଘ ଦିନ ଧରି ଏହି ଗଞ୍ଜେଇ ମାଫିଆଙ୍କ ଉପରେ ନଜର ରଖିଥିବା ଭୁବନେଶ୍ୱର ଏସ୍‌ଟିଏଫ୍ ଟିମ୍ । ଏହି ୧୦ ଜଣିଆ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଗଞ୍ଜେଇ ସହିତ ମାଫିଆଙ୍କୁ ଗିରଫ କରି ଆଠଗଡ଼ ଥାନା ଜିମା ଦେଇଥିବା ଜଣାପଡିଛି।

# ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତ୍ତା ନେଇ ସରକାରଙ୍କ କଡ଼ା ନଜର

**ନିୟମିତ ଯାଞ୍ଚ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**



**ଭୁବନେଶ୍ୱର, ୨୫/୦୬ ନ୍ୟୁଜ ବ୍ୟୁରୋ**


ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ସରକାରଙ୍କ ଚିନ୍ତା ବଢ଼ିଛି । ହସ୍ପିଟାଲ ଏବଂ ମେଡିକାଲ କଲେଜ ଗୁଡ଼ିକରେ ଅଗ୍ନି ନିର୍ବାପକ ଉପକରଣ ଉପଲବ୍ଧ ଥିଲେ ମଧ୍ୟ ସେଗୁଡ଼ିକର ନିୟମିତ ଯାଞ୍ଚ ଏବଂ ରକ୍ଷଣାବେକ୍ଷଣ ଠିକ୍ ଭାବେ ହେଉନଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି । ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ କାର୍ଯ୍ୟକ୍ଷମ କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ଗୁରୁବାର ଲୋକସେବା ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ନି ନିରାପତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ବର୍ତ୍ତମାନ ସ୍ଥିତି ଓ ଆବଶ୍ୟକତା, ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶ କେତେ ଅନୁପାଳନ ହୋଇଛି ସେ ବିଷୟରେ ବୈଠକରେ ସମୀକ୍ଷା କରାଯାଇଥିଲା । ରୋଗୀଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କୁ ଅଗ୍ନି ନିର୍ବାପକ ଉପକରଣର ନିୟମିତ ଯାଞ୍ଚ ସହିତ ଜରୁରୀକାଳୀନ ପ୍ରସ୍ତୁତିର ସୁନିଶ୍ଚିତକରଣ, ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡର କଡ଼ାକଡ଼ି ପାଳନ ଏବଂ ସମସ୍ତ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ କାର୍ଯ୍ୟକ୍ଷମ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ପ୍ରଦାନ କରାଯାଇଛି ।

ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି, 'ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ରୋଗୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିରାପତ୍ତା ସରକାରଙ୍କ ପ୍ରମୁଖ ଦାୟିତ୍ୱ । ତେଣୁ ଅଗ୍ନିକାଣ୍ଡ ପରି ଜରୁରୀ ପରିସ୍ଥିତିକୁ ମୁକାବିଲା ପାଇଁ ପ୍ରତ୍ୟେକ ଅନୁଷ୍ଠାନରେ ପୂର୍ବ ପ୍ରସ୍ତୁତି ଏବଂ ସମୟୋପଯୋଗୀ ବ୍ୟବସ୍ଥା ଗ୍ରହଣ ଅତ୍ୟାବଶ୍ୟକ ।' ଉକ୍ତ ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ୍) ଏମଡି ଡ. ବୃନ୍ଦା ଡ଼ି, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଏବଂ ବିଭିନ୍ନ ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ କଲେଜ ଡିନ୍ ଓ ସୁପରିଟେଣ୍ଡେଣ୍ଟମାନେ ଭର୍ଚ୍ୟୁଆଲ ମାଧ୍ୟମରେ ଯୋଗ ଦେଇଥିଲେ ।


**ପ୍ରକାଶ ପାଇବା ଅପେକ୍ଷାରେ...**

**ମାସିକ ଗଳ୍ପ ପତ୍ରିକା**
**"କଥାକଳିକା"ର ଜୁଲାଇ-୨୦୨୬ ସଂଖ୍ୟା**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ।
**ସମକାଳର କଥା :** ରମେଶ ପଟ୍ଟନାୟକ, ବିନୋଦ, ସୁଜାତା ମହାପାତ୍ର, ପ୍ରଣିତାରାଣୀ ବେହେରା, ସନ୍ତୋଷୀସ୍ୱାଇଁ, ରାଜଲକ୍ଷ୍ମୀ ତ୍ରିପାଠୀ, ସ୍ନିଗ୍ଧା ନାୟକ, ରାଧାଶ୍ୟାମ ରାଉଳ, ପୀତାମ୍ବର ମହାପାତ୍ର, ସୁଷମା ପରିଜା।
**ଅନ୍ୟ ଭାଷାର କଥା :** ଚିତ୍ତରଂଜନ ପଟ୍ଟନାୟକ।
**ଯୁବ ମାନସର କଥା :** ଲିପିକା ଦାସ ପଟ୍ଟନାୟକ, ଅନୁସୂୟା ପଣ୍ଡା, ଚିନ୍ମୟୀ ପଣ୍ଡା, ଇନ୍ଦୁମତୀ ପାତ୍ର, ରୁମୁଲୀ ନନ୍ଦ।
ଏବଂ ଶେଷରେ 'କଥା ସାଗର' : ମଳିନ ଚନ୍ଦ୍ର-ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)